# ଏକକ:୭ ଶିକ୍ଷକ ନେତୃତ୍ୱ

ଟିପ୍ପଣୀ

ସଂରଚନା

୭.୦ : ଉପକ୍ରମ
୭.୧ : ଶିକ୍ଷଣ ଉଦ୍ଦେଶ୍ୟ
୭.୨ : ନେତୃତ୍ୱର ଧାରଣା
୭.୩ : ନେତୃତ୍ୱ ବନାମ ପରିଚାଳନା
୭.୪ : ନେତୃତ୍ୱର ଶୈଳୀ
୭.୫ : ନେତୃତ୍ୱର କାର୍ଯ୍ୟ
୭.୬ : ସାରାଂଶ
୭.୭ : ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ
୭.୮ : ପାଠାନ୍ତ ପ୍ରଶ୍ନାବଳୀ

## ୭.୦ ଉପକ୍ରମ

ଗୋଟିଏ ଶିକ୍ଷାନୁଷ୍ଠାନ ମୁଖ୍ୟତଃ ଦୁଇଟି ସାମାଜିକ ଚାପ ଦ୍ୱାରା ପ୍ରଭାବିତ ହୋଇଥାଏ । ସେଗୁଡ଼ିକ ହେଲା :- ସଂସ୍କୃତି ଏବଂ ପାରିପାର୍ଶ୍ୱିକ ଅବସ୍ଥା । ଏହି ଦୁଇଟି ଅନୁଷ୍ଠାନର ଆତ୍ମା ଏବଂ ପରିଚୟ ସୂଚିତ କରିଥାଏ । ସଂସ୍କୃତି ସମାଜର ଆଶା ଆକାଂକ୍ଷା ଏବଂ ଅନୁଷ୍ଠାନର ଆତ୍ମ ପ୍ରତିମାକୁ ଉପସ୍ଥାପନ କରିଥାଏ । ଏହା ଅତୀତ ଘଟଣାବଳୀ ଏବଂ ଅତୀତ ନେତୃତ୍ୱର ଫଳାଫଳ ଓ ବର୍ତ୍ତମାନର ନେତୃତ୍ୱ, ବିଭିନ୍ନ ସମସ୍ୟା ଓ ଶିକ୍ଷାନୁଷ୍ଠାନର ଇତିହାସ ମିଳିତ ଭାବରେ ଉପସ୍ଥାପନ ଏକାଠି କରିଥାଏ । ଏହା କାର୍ଯ୍ୟ କରିବାର ବିଭିନ୍ନ ପ୍ରଥା, ଦୈନନ୍ଦିନ କାର୍ଯ୍ୟ, ବିଧି ବିଧାନ ତଥା ମୂଲ୍ୟବୋଧକୁ ଅନ୍ତର୍ଭୁକ୍ତ କରିଥାଏ । ସମାଜର ସାମଗ୍ରୀକ ଦୂରଦୃଷ୍ଟି ତଥା ଆଶା ଆକାଂକ୍ଷାଗୁଡ଼ିକୁ ଭିତ୍ତି କରି ଶିକ୍ଷାନୁଷ୍ଠାନରେ ସଂସ୍କୃତିର ପ୍ରତିଫଳନ କରାଯାଇଅଛି । ଯେହେତୁ ସଂସ୍କୃତି ଶିକ୍ଷାନୁଷ୍ଠାନର ପରିଚୟ ଅଟେ । ତେଣୁ କୌଣସି ବ୍ୟକ୍ତି ଆମ ସଂସ୍କୃତିକୁ ସହଜରେ ପରିବର୍ତ୍ତନ କରିପାରିବ ନାହିଁ କିମ୍ବା ଏଥିରେ ନୂତନତ୍ୱ ମଧ୍ୟ ଆଣିପାରିବେ ନାହିଁ । କିନ୍ତୁ ଏହାକୁ ସଫଳତାର ସହ ଆଗକୁ ଜାରି ରଖିବାକୁ ପଡ଼ିବ କାରଣ ଏହା ଅନୁଷ୍ଠାନ ପରିଚୟର ଏକ ଅଂଶ ଅଟେ ।

ଅନ୍ୟ ପକ୍ଷରେ ପାରିପାର୍ଶ୍ୱିକ ଅବସ୍ଥା ହେଉଛି "ସଂଗଠନର ଅନୁଭବ" ଯେଉଁଥିରେ ସମାଜର ଧାରଣା ଏବଂ ମନୋଭାବ ପ୍ରତିଫଳିତ ହୁଏ । ଏହା ହେଉଛି ଏକ ସଂକ୍ଷିପ୍ତ ଘଟଣା ଯାହାକି ବିଦ୍ୟାଳୟ ଚତୁପାର୍ଶ୍ୱରେ ଥିବା ସାମ୍ପ୍ରତିକ ନେତୃତ୍ୱ ଏବଂ ଗୋଷ୍ଠି ଦ୍ୱାରା ସୃଷ୍ଟି । ସଂଗଠନ ମନୋଭାବର ବ୍ୟକ୍ତିଗତ ଧାରଣା କହିଲେ ଲୋକମାନଙ୍କର ସଂଗଠନରେ ସଂଗଠିତ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଥିବା ଧାରଣାକୁ ବୁଝାଏ । ଏହି କାର୍ଯ୍ୟଗୁଡ଼ିକ ଉଭୟ ବ୍ୟକ୍ତି ଓ ସମାଜର ପ୍ରେରଣା ଏବଂ ଆତ୍ମତୃପ୍ତିକୁ ପ୍ରଭାବିତ କରିଥାଏ ।

ଟିପ୍ପଣୀ

ଏହି ଅଧ୍ୟାୟରେ ଆମେ ଏକ ଫଳପ୍ରଦ ସାଂଗଠନିକ ପରିବେଶ ପାଇବା ପାଇଁ ଗୋଟିଏ ବିଦ୍ୟାଳୟ ପରିସ୍ଥିତିରେ ଶିକ୍ଷକଙ୍କ ନେତୃତ୍ୱର ବିଭିନ୍ନ ଦିଗ ଏବଂ ଏଥିରେ ସମାଜର ବିଭିନ୍ନ ଭୂମିକା ସମ୍ପର୍କରେ ଜାଣିବାକୁ ପାଇବା ।

## ୭.୧. ଶିକ୍ଷଣ ଉଦ୍ଦେଶ୍ୟ:

ଏହି ଅଧ୍ୟାୟ ପଢ଼ିସାରିବା ପରେ ତୁମ୍ଭେ ନିମ୍ନଲିଖିତ ଉଦ୍ଦେଶ୍ୟଗୁଡିକ ହାସଲ କରିବାରେ ସକ୍ଷମ ହେବ:

- ନେତୃତ୍ୱର ଧାରଣା ବର୍ଣ୍ଣନା କରିପାରିବ ।
- ନେତୃତ୍ୱ କିପରି ପରିଚାଳନାଠାରୁ ପୃଥକ ବିଶ୍ଳେଷଣ କରିପାରିବ ।
- ନେତୃତ୍ୱର ବିଭିନ୍ନ ଶୈଳୀକୁ ଚିହ୍ନଟ କରିବା ଏବଂ ସେଗୁଡ଼ିକ ମଧ୍ୟରେ ଥିବା ପାର୍ଥକ୍ୟ ଦର୍ଶାଇପାରିବ ।
- ନେତୃତ୍ୱର କାର୍ଯ୍ୟଗୁଡ଼ିକୁ ବର୍ଣ୍ଣନା କରିବା ଏବଂ ବିଦ୍ୟାଳୟର ଉଦ୍ଦେଶ୍ୟକୁ ପୂରଣ କରିପାରୁଥିବା ଗୋଟିଏ ଉପଯୁକ୍ତ ନେତୃତ୍ୱ କାର୍ଯ୍ୟକୁ ଚିହ୍ନଟ କରିପାରିବ ।
- ଗ୍ରାମ୍ୟ ସମିତି ଏବଂ ସ୍ଥାନୀୟ ସ୍ୱ- ଶାସନର ବିଦ୍ୟାଳୟ ସମ୍ବନ୍ଧୀୟ ଆଶା ଆକାଂକ୍ଷାକୁ ଚିହ୍ନଟ କରାଇବାରେ ଶିକ୍ଷକଙ୍କ ଭୂମିକାକୁ ଆଲୋଚନା କରିପାରିବ ।
- ସମାଜରେ ଶିକ୍ଷାଗତ ନେତୃତ୍ୱ ପ୍ରଦାନ କରିବାରେ ଶିକ୍ଷକ ଏକ ଆଦର୍ଶ ପ୍ରତିକୃତି ବୋଲି ବର୍ଣ୍ଣନା କରିପାରିବ ।

## ୭.୨. ନେତୃତ୍ୱର ଧାରଣା

ଅନ୍ୟ ଶିକ୍ଷକଙ୍କ ଭଳି ଶିକ୍ଷାବର୍ଷ ଆରମ୍ଭରେ ଶ୍ରୀମତୀ ମିଶ୍ରଙ୍କର ସେ ଦିନ ଥିଲା ଶ୍ରେଣୀଗୃହରେ ପ୍ରଥମ ଦିନ; ସେ ତାଙ୍କର ସବୁ ଛାତ୍ରଛାତ୍ରୀମାନଙ୍କୁ ଚାହିଁଲେ ଏବଂ ସେ ସମସ୍ତଙ୍କୁ ସମାନ ଭାବେ ଭଲ ପାଆନ୍ତି ବୋଲି କହିଲେ । କିନ୍ତୁ ଏହା ଅସମ୍ଭବ ଥିଲା, କାରଣ ଶେଷ ଧାଡିରେ ପ୍ରକାଶ ନାମକ ଛୋଟ ବାଳକଟିଏ ଥିଲା, ଯିଏକି ତା'ର ସିଟ୍‌ରେ ହାଲ୍‌କା ନିଦରେ ଶୋଇଥିଲା, ଶ୍ରୀମତୀ ମିଶ୍ର ତାକୁ କେବେବି ଭଲ ପାଉନଥିଲେ । ଶିକ୍ଷାବର୍ଷ ଆରମ୍ଭ ପୂର୍ବରୁ ଶ୍ରୀମତୀ ମିଶ୍ର ପ୍ରକାଶକୁ ଦେଖିଥିଲେ ଏବଂ ସେ ଚିହ୍ନଟ କରିଥିଲେ ଯେ ପ୍ରକାଶ ଅନ୍ୟ ଛାତ୍ରଛାତ୍ରୀମାନଙ୍କ ସହ ଭଲଭାବେ ମିଳାମିଶା କରିପାରୁନାହିଁ । ତା'ର ଡ୍ରେସ୍ ମାଟି, କାଦୁଅ ହୋଇଯାଉଛି । ସେ ସବୁବେଳେ ଅପରିଷ୍କାର ହେଉଛି । ସେ ମଧ୍ୟ ସୁନ୍ଦର ଶୈଳୀରେ କଥାବାର୍ତ୍ତା କରିପାରୁନଥିଲା । ଜଣେ ଶ୍ରେଣୀଶିକ୍ଷକ ହିସାବରେ ଶ୍ରୀମତୀ ମିଶ୍ରଙ୍କୁ ପଞ୍ଚମ ଗ୍ରେଡ୍ ପାଇଁ ପାଠପଢ଼ା ଆରମ୍ଭ ପୂର୍ବରୁ ପ୍ରତ୍ୟେକ ପିଲାଙ୍କର ପୂର୍ବ ରେକର୍ଡ ଯାଞ୍ଚ କରିବାର ଆବଶ୍ୟକତା ଥିଲା । ସେ ଯେତେବେଳେ ପ୍ରକାଶର ଫାଇଲ୍ ଯାଞ୍ଚ କଲେ, ସେ ଆଶ୍ଚର୍ଯ୍ୟାନିତ ହୋଇଯାଇଥିଲେ ।

- ପ୍ରକାଶର ପ୍ରଥମ ଗ୍ରେଡ୍ ଶିକ୍ଷକ ଲେଖିଥିଲେ:- ସ୍ନେହୀ ପ୍ରବୃତ୍ତି ସହିତ ପ୍ରକାଶ ହେଉଛି ଏକ ଜ୍ଞାନୀ ବାଳକ । ସେ ତାର ଗୃହକାର୍ଯ୍ୟ ଆନ୍ତରିକତାର ସହ କରେ । ବିଦ୍ୟାଳୟକୁ ଆସିବା ପାଇଁ ଆନନ୍ଦିତ ହୁଏ ।
- ପ୍ରକାଶର ଦ୍ୱିତୀୟ ଗ୍ରେଡ୍ ଶିକ୍ଷକ ଲେଖିଥିଲେ:- ପ୍ରକାଶ ହେଉଛି ଜଣେ ଉଜ୍ଜ୍ୱଳ ଛାତ୍ର । ସହପାଠୀମାନଙ୍କ ଦ୍ୱାରା ମଧ୍ୟ ସେ ଆଦରଣୀୟ । କିନ୍ତୁ ସେ ତାର ମା'ଙ୍କର ଅସୁସ୍ଥତା ପାଇଁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛି ଏବଂ ଘରେ ତାର ଜୀବନ ସଂଘର୍ଷମୟ ଥିଲା ।

ଟିପ୍ପଣୀ

- ପ୍ରକାଶର ତୃତୀୟ ଗ୍ରେଡ୍ ଶିକ୍ଷକ ଲେଖିଥିଲେ ଯେ:- ପ୍ରକାଶକୁ ସମସ୍ୟାରେ ପକାଇଥିବା ମୁଖ୍ୟ କାରଣ ହେଉଛି ତାର ମା'ଙ୍କର ମୃତ୍ୟୁ । ଏହା ତାର ପାଠପଢ଼ା ଉପରେ କୁପ୍ରଭାବ ପକାଇବାକୁ ଆରମ୍ଭ କରିଛି । ଏହା ସତ୍ତ୍ୱେ ମଧ୍ୟ ସେ ପାଠପଢାରେ ତାର ଚେଷ୍ଟା ଜାରିରଖିଛି । କିନ୍ତୁ ତା' ଘର ପାଖରେ ରୁହୁଥିବା ଲୋକମାନେ ଏବଂ ତା'ର ବାପା ମଧ୍ୟ ତା' ପାଠପଢ଼ା ପ୍ରତି ଆଗ୍ରହ ପ୍ରକାଶ କରୁନଥିଲେ । ତାର ଏହି ଘରୋଇ ସମସ୍ୟା ତା' ଉପରେ ଖୁବ୍ ଶୀଘ୍ର ପ୍ରଭାବ ପକାଇବ ଯଦି କୌଣସି ପ୍ରତିକାରମୂଳକ ପଦକ୍ଷେପ ଏ ଦିଗରେ ନିଆନଯାଏ ।
- ପ୍ରକାଶର ଚତୁର୍ଥ ଗ୍ରେଡ୍ ଶିକ୍ଷକ ଲେଖିଥିଲେ: ପ୍ରକାଶ ନୀରବ ହୋଇଯାଇଛି ଏବଂ ବିଦ୍ୟାଳୟରେ ପାଠପଢ଼ା ପ୍ରତି ଆଗ୍ରହ ପ୍ରକାଶ କରୁ ନାହିଁ । ସେ ଗୃହକାର୍ଯ୍ୟରେ ଅବେହେଳା କରୁଛି । ସେ ତାର ଅଳ୍ପ କେତେକ ସାଙ୍ଗସାଥି ସହ ମିଶୁଛି । ସେ ବେଳେବେଳେ ମଧ୍ୟ ଶ୍ରେଣୀଗୃହରେ ଶୋଇପଡୁଛି ।
- ଶ୍ରୀମତୀ ମିଶ୍ର ବର୍ତ୍ତମାନ ପ୍ରକାଶର ଅସୁବିଧାଗୁଡିକୁ ହୃଦୟଙ୍ଗମ କଲେ ଏବଂ ସେ ନିଜକୁ ଲଜ୍ଜିତ ମନେ କଲେ । ସେହି ଦିନଠାରୁ ସେ ପାରମ୍ପରିକ ବିଦ୍ୟାଳୟ ଶିକ୍ଷାଦାନ ସମୟ ସାରଣୀକୁ ବଦଳାଇ ନିଜେ ଆବଶ୍ୟକ କରୁଥିବା ସମୟ ସାରଣୀ ପ୍ରସ୍ତୁତ କରିଥିଲେ । ସେ ପିଲାମାନଙ୍କ ଦ୍ୱାରା ସହଜ ସୁବିଧା ଶିକ୍ଷଣର ଆରମ୍ଭ କଲେ । ଶ୍ରୀମତୀ ମିଶ୍ର ପ୍ରକାଶକୁ ଅଧିକ ଧ୍ୟାନ ଦେଲେ । ସେ ପ୍ରକାଶ ସହିତ କାର୍ଯ୍ୟ କଲାବେଳେ ତାର ମନ ଜୀବନ୍ତ ହୋଇଉଠୁଥିଲା । ସେ ଯେତେ ପ୍ରକାଶକୁ ଉତ୍ସାହିତ କରୁଥିଲେ, ସେତେ ଶୀଘ ସେ କାମରେ ପ୍ରତ୍ୟୁତ୍ତର ଦେଉଥିଲା । ଶିକ୍ଷାବର୍ଷ ଶେଷରେ ପ୍ରକାଶ ଶ୍ରେଣୀର ଜଣେ ଚତୁର ପିଲା ହୋଇପାରିଲା । ଶିକ୍ଷକଙ୍କ ଉକ୍ତି ଥିଲା ଯେ ସେ ସବୁ ପିଲାଙ୍କୁ ସମାନ ଭାବେ ଭଲ ପାଆନ୍ତି । ତାଙ୍କର ଏହି ମିଛଟି ସତରେ ପରିଣତ ହୋଇଯାଇଥିଲା । ପ୍ରକାଶ ମଧ୍ୟ ତାଙ୍କର ଜଣେ ପ୍ରିୟ ଛାତ୍ର ହୋଇପାରିଥିଲା ।

ବର୍ଷକ ପରେ ପ୍ରକାଶଠାରୁ ଏକ ଚିଠି ପାଇଥିଲେ । ସେଥିରେ ପ୍ରକାଶ କହିଥିଲା ଯେ, ସେ ତା' ପାଇଁ ଜଣେ ଆଦର୍ଶ ଶିକ୍ଷୟତ୍ରୀ ଥିଲେ । ବହୁ ବର୍ଷ ପର୍ଯ୍ୟନ୍ତ ପ୍ରକାଶ ଶ୍ରୀମତି ମିଶ୍ରଙ୍କୁ ମନେ ପକାଉଥିଲା ଏବଂ ଛାତ୍ର ଜୀବନ ସଫଳତାର ପ୍ରତ୍ୟେକ ମାଇଲଖୁଣ୍ଟ ଚଢ଼ିବାପରେ ସେ ତାଙ୍କୁ ଚିଠି ପଠାଉଥିଲା । ଚିଠି ଗୁଡ଼ିକରେ ବ୍ୟାଖ୍ୟା କରାଯାଇଥିଲା ଯେ ସେ ସବୁଦିନ ପାଇଁ ଆଦର୍ଶ ଓ ତା'ର ପ୍ରିୟ ଶିକ୍ଷୟତ୍ରୀ ହୋଇ ରହିଥିବେ ।

କିଛିବର୍ଷ ପରେ ଶ୍ରୀମତୀ ମିଶ୍ର ଆଉ ଗୋଟିଏ ଚିଠି ପାଇଲେ । ସେହିଥିରେ ପ୍ରକାଶ ତାର ଏମ୍.ବି.ବି ଏସ୍ ଡ଼ିଗ୍ରୀ ହାସଲ କରିବା କଥା ଲେଖିବା ସହିତ ସେ ଲେଖିଥିଲା ଯେ ସାରାଜୀବନ ପାଇଁ ସେ ତା'ର ଆଦର୍ଶ ଶିକ୍ଷୟତ୍ରୀ ହୋଇ ରହିଥିବେ । ସେ ମଧ୍ୟ ତାଙ୍କୁ ବସନ୍ତ ଋତୁରେ ଭେଟିବାକୁ ସୂଚନା ଦେଇଥିଲା । କିନ୍ତୁ ଏହି ଥର ଚିଠିରେ ପ୍ରକାଶର ନାମଟି କିଛି ଲମ୍ବା ହୋଇଯାଇଥିଲା ଚିଠିରେ ପ୍ରକାଶ ମୋହନ, ଏମ୍.ଡ଼ି , ନାଁରେ ଦସ୍ତଖତ ହୋଇଥିଲା ।

ପ୍ରତିଜ୍ଞା ପୂରଣ କରିବା ପାଇଁ ପ୍ରକାଶ ସେହି ବର୍ଷ ବସନ୍ତରେ ଶ୍ରୀମତୀ ମିଶ୍ରଙ୍କୁ ଭେଟିଥିଲା । ସେମାନେ କୋଳାକୋଳି ହେଲେ ଏବଂ ଡାକ୍ତର ମୋହନ, ଶ୍ରୀମତୀ ମିଶ୍ରଙ୍କ କାନରେ ଗୁଣୁଗୁଣୁ ହୋଇ କହିଥିଲା ।

"ମ୍ୟାଡ଼ମ୍ ଆପଣ ମୋତେ ବିଶ୍ୱାସ କରିଥିବାରୁ ଧନ୍ୟବାଦ୍

ମୋତେ ମହତ୍ୱପୂର୍ଣ୍ଣ ଅନୁଭୂତି କରାଇପାରିଥିବାରୁ ଧନ୍ୟବାଦ୍

ଏବଂ ମୁଁ ଅନ୍ୟମାନଙ୍କ ଠାରୁ କିଛି ଅଲଗା କରିପାରିବାର

ଆଶା ମୋ ଭିତରେ ପ୍ରତିଷ୍ଠା କରି ମୋତେ ପଥ ପ୍ରଦର୍ଶନ କରାଇଥିବାରୁ ଧନ୍ୟବାଦ ।"

ଶିକ୍ଷକ ଶ୍ରମତୀ ମିଶ୍ରଙ୍କ ଆଖିରୁ ଦୁଇ ଟୋପା ଲୁହ ଝରିପଡ଼ିଲା ଏବଂ ଏହା ପରେ ସେ କହିଲେ "ପ୍ରକାଶ ତୁମେ ଏସବୁ ଭୁଲ କଥା କହିଲ । ବାସ୍ତବରେ ତୁମେ ଏମିତି ଜଣେ ଛାତ୍ର ଥିଲ ଯିଏ କି ମୋତେ କିଛି ଭିନ୍ନ କରିବାପାଇଁ ଶିକ୍ଷା ଦେଇଥିଲା । ତୁମକୁ ଭେଟିବା ପର୍ଯ୍ୟନ୍ତ ମୁଁ ଏହା ଜାଣି ନଥିଲି ଯେ କିପରି ଶିକ୍ଷା ଦିଆଯାଏ ? ଗୋଷ୍ଠୀରେ ରହୁଥିବା ଅନ୍ୟ ପିଲାମାନେ ଆବଶ୍ୟକ କରୁଥିବା ଯତ୍ନ ଏବଂ ଶିକ୍ଷା ପାଇବାରେ ତୁମେ ମୋ ପାଇଁ ଗୋଟିଏ ଟର୍ଚ୍ଚଧାରୀ/ ଆଲୋକବର୍ତ୍ତିକା ଅଟ । ପ୍ରତ୍ୟେକ  ପିଲାଙ୍କୁ ବିଦ୍ୟାଳୟକୁ ଆଣିବାରେ ତୁମେ ମୋର କାର୍ଯ୍ୟଧାରାକୁ ପ୍ରସାରିତ କରିଛ । ତୁମେ ଏମିତି ଜଣେ ପିଲା ଥିଲ ଯିଏକି ମୋତେ ହୃଦୟଙ୍ଗମ କରାଇଥିଲ ଯେ ଗୋଷ୍ଠୀକୁ ବିଦ୍ୟାଳୟ ଏବଂ ବିଦ୍ୟାଳୟଟି ଗୋଷ୍ଠୀକୁ ଆଣିବାରେ ଶିକ୍ଷକ ଜଣେ ନେତା ହେବା ବିଧେୟ । "

ଏହି ଗଳ୍ପରେ ନେତୃତ୍ୱର ପ୍ରକାରଭେଦର ଉଦାହରଣ ସ୍ୱରୂପ ଶ୍ରୀମତୀ ମିଶ୍ରଙ୍କର ନେତୃତ୍ୱକୁ ତୁମେ ନେଇପାରିବ । ସେ ଏହି ଛୋଟିଆ ବାଳକ ପ୍ରକାଶକୁ ବୁଝିପାରିଥିଲେ । ସେ ତାଙ୍କୁ ଅନୁଭବ କରାଇଥିଲେ ଯେ, ସେ ମହତ୍ତ୍ୱପୂର୍ଣ୍ଣ/ ଗୁରୁତ୍ୱପୂର୍ଣ୍ଣ ଛାତ୍ରଟିଏ ଥିଲା, ତା'ର ଜୀବନକୁ  ସେ ବଦଳାଇପାରିଲା । ଗୋଷ୍ଠୀରେ ରହୁଥିବା ପିଲାମାନଙ୍କୁ ସାହାଯ୍ୟ କରିବାର ଗୁରୁ ଦାୟିତ୍ୱ ମଧ୍ୟ ସେ ନେଇପାରିଲା । ଜଣେ ଶିକ୍ଷକ ନେତା ହିସାବରେ ତାଙ୍କର ଭୂମିକା ମଧ୍ୟ ସେ ଠିକ୍ ଭାବେ ଦୃଶ୍ୟପଟ୍ଟ କରିଛନ୍ତି । ବିଦ୍ୟାଳୟ ଏବଂ ଗୋଷ୍ଠୀରେ ଶିକ୍ଷକମାନେ ହେଉଛନ୍ତି ଜଣେ ଜଣେ ମହାନ୍ ନେତା  ।

ଆମେ ଆଗକୁ ବଢିବା ପୂର୍ବର ନେତୃତ୍ୱର ଅବଧାରଣା ପାଇଁ ପ୍ରଚେଷ୍ଟା କରିବା । ବର୍ତ୍ତମାନ ନିମ୍ନରେ ଦିଆଯାଇଥିବା ଦିଗ ଉପରେ ଦୃଷ୍ଟିନିକ୍ଷେପ କର ।

କ. ଜଣେ ଶିକ୍ଷକଙ୍କୁ ଚିହ୍ନଟ କର, ଯାହାଙ୍କୁ ତୁମେ ଜଣେ ଫଳପ୍ରଦ/ ସଫଳ/କ୍ରିୟାଶୀଳ ଶିକ୍ଷକ ନେତା ବୋଲି ଭାବୁଛ ।

ଖ. ତାଙ୍କର ଉତ୍ତମ ଗୁଣଗୁଡ଼ିକ ଖୋଜି ବାହାର କର କିମ୍ବା ସେ କ'ଣ କରୁଛନ୍ତି ତାର ତାଲିକା କର ।

ଗ. ବିଭିନ୍ନ ପରିସ୍ଥିତିର ସମାଧାନ ବାହାର କରିବାକୁ ସେ କେଉଁ ଦକ୍ଷତା ଅବଲମ୍ବନ କରୁଛନ୍ତି ବିଶ୍ଳେଷଣ କର ।

ଘ. ବିଭିନ୍ନ ପୃଷ୍ଠଭୂମିରେ ସେହି ପ୍ରଭାବଶୀଳ ଶିକ୍ଷକ ନେତାଙ୍କର ଗୁଣ ଏବଂ ଚାରିତ୍ରିକ ବ୍ୟବହାରଗୁଡ଼ିକର ତାଲିକା କର ।

ଙ. ଶିକ୍ଷକ ନେତୃତ୍ୱ କହିଲେ ତୁମେ କ'ଣ ବୁଝୁଛ ବର୍ଣ୍ଣନା କର ।

ଉପରୋକ୍ତ କାର୍ଯ୍ୟଗୁଡ଼ିକୁ କରିବା ପରେ ଜଣେ ଶିକ୍ଷକ ନେତା କିପରି ହେବା ଆବଶ୍ୟକ ବୋଲି ତୁମେ ହୃଦୟଙ୍ଗମ କଲ । ଧାରଣାଟିକୁ ଉଭୟ ଅନୁଭୂତି ଆଧାରିତ ଏବଂ ଧାରଣାତ୍ମକ ଜ୍ଞାନ ଆଧାରରେ ଆରମ୍ଭ କରେ ।

**ନେତୃତ୍ୱର ସଂଜ୍ଞାକରଣ:-**

ଏହା ହେଉଛି ଏକ ବିସ୍ତୃତ ଧାରଣା ଓ ବିଶ୍ୱାସ ଯାହାକି ଜୀବନର ବିଭିନ୍ନ ଦିଗରେ ସଫଳତା ଆଣିବାରେ ନେତୃତ୍ୱ ଏକ ମୁଖ୍ୟ ଉପାଦାନ ଅଟେ । ଆମେ ଯେତେବେଳେ ନେତାଙ୍କ ବିଷୟରେ ଭାବୁ ସାଙ୍ଗେ ସାଙ୍ଗେ ଆମ ମନରେ ମହାତ୍ମାଗାନ୍ଧୀ, ନେତାଜୀ ସୁବାଷଚନ୍ଦ୍ର ବୋଷ, ଡ଼.ସର୍ବପଲ୍ଲୀ ରାଧାକୃଷ୍ଣ, ଆବ୍ରାହମ୍ ଲିଙ୍ଗନ ଏବଂ ନେଲସନ ମାଣ୍ଡେଲାଙ୍କ ପରି ମହାନ ନେତାଙ୍କ କଥା ଚାଲି ଆସେ । ଏହି ମହାନ ବ୍ୟକ୍ତିମାନଙ୍କ ମଧ୍ୟରେ ଏକ ସାଧାରଣ କଥା ହେଉଛି 'ଉତ୍ତମ ନେତୃତ୍ୱ' ସଂକ୍ଷେପରେ ନେତୃତ୍ୱ କହିଲେ ।

ଟିପ୍ପଣୀ

- Warren Bennis (1975) ଙ୍କ ମତରେ "ନେତୃତ୍ୱ ହେଉଛି ନିଜେ ନିଜକୁ ଜାଣିବାର ଏକ କାର୍ଯ୍ୟ । ଏହା ହେଉଛି ଏକ ଦୂରଦୃଷ୍ଟି ଯାହାକି ଉତ୍ତମ ଯୋଗାଯୋଗ ଭିତ୍ତିକ, ସହକର୍ମୀମାନଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ଓ ବିଶ୍ୱାସ ସ୍ଥାପନ କରାଇଥାଏ ଏବଂ ନିଜର ନେତୃତ୍ୱର ସମ୍ଭାବ୍ୟତାକୁ ଜାଣିବା ପାଇଁ ଫଳପ୍ରଦ କାର୍ଯ୍ୟପନ୍ଥା ଗ୍ରହଣ କରିବାର ଆବଶ୍ୟକତା ଅଛି ।" Warren Bennis ଙ୍କ ମତ ଅନୁସାରେ ନେତୃତ୍ୱ ବ୍ୟକ୍ତିଙ୍କର ନେତୃତ୍ୱ ନେବା ଗୁଣ ଓ ସାମର୍ଥ୍ୟ ଉପରେ ଅତ୍ୟଧିକ ପ୍ରାଧାନ୍ୟ ଦେଇଥାଏ ।
- Alan Keith(2009)ଙ୍କ ଭାଷାରେ "କିଛି ଉଲ୍ଲେଖଯୋଗ୍ୟ ଘଟଣା ସୃଷ୍ଟି କରିବା ପାଇଁ ନେତୃତ୍ୱ ବ୍ୟକ୍ତିମାନଙ୍କ ପାଇଁ ଏକ ମାଧ୍ୟମ ପ୍ରସ୍ତୁତି କରିଥାଏ ।"
- Contempotary Settings (2003)ଅନୁସାରେ ''ନେତୃତ୍ୱ ହେଉଛି ଏକ ଗତିଶୀଳ ସମ୍ପର୍କ ଯାହାକି ନେତା ଓ ସହଯୋଗୀମାନଙ୍କ ମଧ୍ୟରେ ଥିବା ପାରସ୍ପରିକ ପ୍ରଭାବ, ଏବଂ ସାଧାରଣ ଉଦ୍ଦେଶ୍ୟ ଭିତ୍ତିରେ ଆଧାରିତ । ଯେଉଁଥିରେ ଉଭୟ ଉଚ୍ଚ ସ୍ତରର ଅଭିପ୍ରେରଣା ଏବଂ ନୈତିକ ମୂଲ୍ୟବୋଧର ବିକାଶ ଆଡକୁ ଅଗ୍ରସର ହୋଇଥାନ୍ତି । ''

ଏହି ସଂଜ୍ଞାର ଚାରୋଟି ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି:- ସମ୍ପର୍କ, ପାରସ୍ପରିକ ପ୍ରଭାବ, ସାଧାରଣ ଉଦ୍ଦେଶ୍ୟ ଏବଂ ସହଯୋଗୀ ଗୁଣ । ଏଠାରେ -

- ସମ୍ପର୍କ ହେଉଛି ନେତା ଏବଂ ଲୋକଙ୍କ ମଧ୍ୟରେ ସାମୀପ୍ୟ ସଂଯୋଗ ।
- ପାରସ୍ପରିକ ପ୍ରଭାବ ଅର୍ଥ ନେତାଙ୍କର ଲୋକମାନଙ୍କ ଉପରେ ପ୍ରଭାବ ଏବଂ ଲୋକମାନଙ୍କର ନେତାଙ୍କ ଉପରେ ପ୍ରଭାବ ।
- ସାଧାରଣ ଉଦ୍ଦେଶ୍ୟ ହେଉଛି ସାଧାରଣ ଲୋକଙ୍କ ମଙ୍ଗଳ ଦୃଷ୍ଟିରୁ ନେତାଙ୍କ ଦ୍ୱାରା ଉପସ୍ଥାପିତ ଉଦ୍ଦେଶ୍ୟ ।
- ସହଯୋଗୀ ଗଣ ହେଉଛନ୍ତି କୌଣସି ନିର୍ଦ୍ଧାରିତ ଉଦ୍ଦେଶ୍ୟକୁ ହାସଲ କରିବାପାଇଁ ଯେଉଁମାନେ ନେତାଙ୍କୁ ସାହାଯ୍ୟ କରିଥାନ୍ତି ।

Ken Ogbonnia(2011) ଙ୍କ ମତରେ "ଫଳପ୍ରଦ ନେତୃତ ହେଇଛି ସାଂଗଠନିକ କିମ୍ବା ସାମାଜିକ ଲକ୍ଷ୍ୟ ହାସଲ କରିବା ପାଇଁ ଆଭ୍ୟନ୍ତରୀଣ କିମ୍ବା ବାହ୍ୟ ପରିବେଶ ମଧ୍ୟରେ ଉପଲବ୍ଧ ସମ୍ବଳଗୁଡିକର ସଫଳ ଏକୀକରଣ ଏବଂ ବୃଦ୍ଧି କରିବାର ଏକ ସାମର୍ଥ୍ୟ ।"

ଏହି ସଂଜ୍ଞା ୩ଟି ଗୁରୁତ୍ୱପୂର୍ଣ୍ଣ ଅଂଶରେ ଏକୀଭୂତ ଯଥା:- ସଫଳ ଭାବରେ ଏକୀକରଣ,ଉପଲବ୍ଧ ସମ୍ବଳର ବୃଦ୍ଧି,ସାମାଜିକ ତଥା ସାଂଗଠନିକ ଲକ୍ଷ୍ୟ ।

- ଆଭ୍ୟନ୍ତରୀଣ ଏବଂ ବାହ୍ୟ ପରିବେଶ ମଧ୍ୟରେ ସଫଳ ଭାବରେ ଏକୀଭୂତ କରିବାର ଏକ ସାମର୍ଥ୍ୟ । ଏଠାରେ ବିଦ୍ୟାଳୟ ଓ ସମାଜକୁ ବୁଝାଯାଇପାରିବ ।
- ଅଭ୍ୟନ୍ତରୀଣ ଓ ବାହ୍ୟ ପରିବେଶରେ ଉପଲବ୍ଧ ସମ୍ବଳର ଏକୀକରଣ ଏବଂ ସହଯୋଗ ମାଧ୍ୟମରେ ବୃଦ୍ଧି କରିବା ।
- ଉପରୋକ୍ତ ଦୁଇଟି ସାମର୍ଥ୍ୟ ସାଂଗଠନିକ ଓ ସାମାଜିକ ଲକ୍ଷ୍ୟ ପୂରଣ ଅଭିମୁଖେ ଅଗ୍ରସର ହୁଅନ୍ତି ।

ବର୍ଣ୍ଣ (୧୯୭୮) ଏବଂ ରୋଷ୍ଟ (୧୯୯୧) ମିଳିତଭାବରେ ନେତୃତ୍ୱର ବୋଧଗମ୍ୟ ଭାରତୀୟ ବର୍ଣ୍ଣନା ଏବଂ



ଟିପ୍ପଣୀ

ବ୍ୟାଖ୍ୟାନକୁ ଉପସ୍ଥାପନ କରିଛନ୍ତି । ପୁରାତନ କାଳରୁ ହିନ୍ଦୁଗୁରୁମାନେ ଶିକ୍ଷକ ଭାବରେ ଜ୍ଞାନ ପ୍ରଦାନର ପ୍ରଥାକୁ କ୍ରମାନୁଯାୟୀ ଚଲୁ ରଖିଛନ୍ତି । ହିନ୍ଦୁଗୁରୁମାନଙ୍କର ନେତୃତ୍ୱ ଶିକ୍ଷାର୍ଥୀମାନଙ୍କୁ ଶିକ୍ଷାବ୍ୟବସ୍ଥାରେ ତଥ୍ୟ ଏବଂ ଅଭ୍ୟାସର ସୁସାଂଗଠନିକ ପ୍ରୟୋଗ କରିବାର କୌଶଳ ଶିକ୍ଷା ଦେଇ ସେମାନଙ୍କ ଅନ୍ତର୍ନିହିତ ଗୁଣଗୁଡ଼ିକର ବିକାଶ ଘଟାଇବାରେ ସାହାଯ୍ୟ କରେ ।

ନେତୃତ୍ୱର ଆଦର୍ଶ ବା ନମୁନା ଭାବରେ , ଶିକ୍ଷକଙ୍କ କର୍ତ୍ତବ୍ୟ ହେଉଛି ସମାଜର ମଙ୍ଗଳ ସାଧନ ପାଇଁ ପ୍ରକୃତ ଶିକ୍ଷାର୍ଥୀଙ୍କୁ ଉଦ୍ଦେଶ୍ୟ ହାସଲରେ ସାହାଯ୍ୟ କରିବା । ଜଣେ ଶିକ୍ଷକ ଏବଂ ନେତା ଭାବରେ ସେ ଯଥାର୍ଥ ମାଧ୍ୟମରେ ଜୀବନ୍ତ ଓ ବାସ୍ତବ ଅଭିଜ୍ଞତାକୁ ପ୍ରଦାନ କରିବେ ।

ନେତାମାନେ ସାଧାରଣତଃ ଉତ୍ପାଦକ ସ୍ୱଭାବର ଅଟନ୍ତି । ଜଣେ ଉତ୍ପାଦକ ନେତା ହିଁ ଯଥା ସମ୍ଭବ କମ୍ ମୂଲ୍ୟ, ସମୟ ତଥା ସମ୍ବଳ ବିନିମୟରେ ଲୋକମାନଙ୍କର କାର୍ଯ୍ୟ ଦକ୍ଷତା ଏବଂ ନିପୁଣତା ଜରିଆରେ ଉତ୍ତମ ଫଳାଫଳ ହାସଲ କରିବାର ଉପାୟକୁ ତିକ୍ଷଣ ଦୃଷ୍ଟି ରଖିଥାନ୍ତି । ସବୁଠାରୁ ଅଧିକ ସଫଳ ନେତା ହିଁ ଲୋକମାନଙ୍କୁ କାର୍ଯ୍ୟ କରିବା ପାଇଁ ସଜ୍ଜୀକରଣ, ଦୁଇପାର୍ଶ୍ୱିକ ଯୋଗାଯୋଗ ସ୍ଥାପନ, ବୃହତ୍ତମ ଉତ୍ପାଦକ ପାଇଁ ପରିବେଶ ସୃଷ୍ଟି ଏବଂ ସମାଜ ଏବଂ ପାରିପାର୍ଶ୍ୱିକ ଅବସ୍ଥା ଅନୁଯାୟୀ ନିଜର ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ସକ୍ଷମ ହୋଇଥାନ୍ତି ।

ବିଦ୍ୟାଳୟର ପାରିପାର୍ଶ୍ୱିକ ଅବସ୍ଥା ସିଧାସଳଖ ଭାବରେ ଶିକ୍ଷକଙ୍କ ନେତୃତ୍ୱ ଏବଂ ପରିଚାଳନା ଶୈଳୀ ସହ ସମ୍ପର୍କିତ ଅଟେ । ଗୋଟିଏ ଉତ୍ତମ ସୁସ୍ଥ ବିଦ୍ୟାଳୟ ଏବଂ ସମାଜ ସମ୍ପର୍କ ଶିକ୍ଷକଙ୍କ ମୂଲ୍ୟବୋଧ, ଗୁଣ, ଦକ୍ଷତା, ଏବଂ କାର୍ଯ୍ୟ ପ୍ରଣାଳୀ ଉପରେ ନିର୍ଭର କରିଥାଏ । ଶିକ୍ଷକଙ୍କ ବ୍ୟବହାର ତଥା ଚରିତ୍ର ହେଉଛି ମୁଖ୍ୟ ଉପାଦାନ ଯାହାକି ବିଦ୍ୟାଳୟ ଏବଂ ସମାଜର ସମ୍ପର୍କକୁ ପ୍ରଭାବିତ କରେ ।

ଏହି ଅନୁଚ୍ଛେଦର ଆରମ୍ଭରେ ତୁମେ ଶିକ୍ଷକଙ୍କୁ ଚିହ୍ନଟ କରି ଏବଂ ନିମ୍ନଲିଖିତ ପ୍ରଶ୍ନର ଉତ୍ତର ବାହାର କରି ନେତୃତ୍ୱର ଧାରଣା ସଂପର୍କରେ ଅବଗତ ହୋଇପାରିଛ । ବର୍ତ୍ତମାନ ନେତୃତ୍ୱର ସଂଜ୍ଞାନୁଶୀଳନ କରି ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅ ।

- ତୁମ ମତରେ ତୁମ ଆଖପାଖରେ ଥିବା ଜଣେ ସଫଳ ଶିକ୍ଷକଙ୍କ ନାମ ଲେଖ ।
- ଶିକ୍ଷକ ନେତା କେତେ ଭଲ ଭାବରେ ବିଦ୍ୟାଳୟର ଅଗ୍ରାଧିକାର ଏବଂ ଲକ୍ଷକୁ ସ୍ପଷ୍ଟ କରିଛନ୍ତି ତାହା ବର୍ଣ୍ଣନା କର ।
- ବିଦ୍ୟାଳୟର ଶୈକ୍ଷିକ ଉଦ୍ଦେଶ୍ୟକୁ ହାସଲ କରିବା ପାଇଁ ଶିକ୍ଷକ କିପରି ବିଦ୍ୟାଳୟ ଏବଂ ସମାଜ ମଧ୍ୟରେ ସହଯୋଗ ସ୍ଥାପନ କରୁଛନ୍ତି, ବର୍ଣ୍ଣନା କର ।
- ଶୈକ୍ଷିକ ଲକ୍ଷ୍ୟ ହାସଲ କରିବା ଦିଗରେ ଶିକ୍ଷକଙ୍କ ଆଶା ଏବଂ ଏହାକୁ କାର୍ଯ୍ୟକାରି କରିବା କ୍ଷେତ୍ରରେ ଥିବା ପ୍ରତିବନ୍ଧକଗୁଡ଼ିକର ବିଶ୍ଲେଷଣ କର ।
- ଉପରୋକ୍ତ ୪ଟି ପ୍ରଶ୍ନର ଉତ୍ତର ପାଇସାରିବା ପରେ, ବର୍ତ୍ତମାନ ଶିକ୍ଷକଙ୍କ ଦକ୍ଷତା ଏବଂ ଗୁଣ କ'ଣ କ'ଣ ହେବା ଉଚିତ ତାହା ନଜରକୁ ଆଣ ।

ଏହି ଅନୁଚ୍ଛେଦର ଆରମ୍ଭରେ ତୁମେ ନେତା ଭାବରେ କ'ଣ ବୁଝିଲ, ସେହି ଅନୁଯାୟୀ ଉପରୋକ୍ତ ପାଞ୍ଚଟି ପ୍ରଶ୍ନର ଉତ୍ତର ଲେଖିବ ଯାହାକି ତୁମକୁ ନେତୃତ୍ୱର ଦକ୍ଷତା ଏବଂ ଗୁଣର ଅଭିଜ୍ଞତାମୂଳକ ଏବଂ ଧାରଣାଗତ ଜ୍ଞାନ ପ୍ରଦାନ କରିବାରେ ସାହାଯ୍ୟ କରିବ ।

ଟିପ୍ପଣୀ

## ୭.୩. ନେତୃତ୍ୱ ବନାମ ପରିଚାଳନା :

ନେତୃତ୍ୱ ବିଷୟରେ ଧାରଣା ସୃଷ୍ଟି ହେବା ପରେ, ନେତୃତ୍ୱ ଓ ପରିଚାଳନା ମଧ୍ୟରେ ଥିବା ପାର୍ଥକ୍ୟ ଏବଂ କିପରି ଏହା ପରସ୍ପରଠାରୁ ଭିନ୍ନ ତାହା ଜାଣିବା ଗୁରୁତ୍ୱପୂର୍ଣ୍ଣ ଅଟେ । ଯେକୌଣସି ବିଦ୍ୟାଳୟ ବ୍ୟବସ୍ଥାରେ ପରିଚାଳନା ସଂକ୍ରାନ୍ତ ଏବଂ ନେତୃତ୍ୱ କାର୍ଯ୍ୟଗୁଡିକ ସହବନ୍ଧିତ ଅଟେ । ଯାହାହେଉ, ଗୋଟିଏ କାର୍ଯ୍ୟ ଓ ଅନ୍ୟକାର୍ଯ୍ୟ ମଧ୍ୟରେ ପ୍ରଭେଦ ଦର୍ଶାଇବାରେ ବ୍ୟବହାରିକ ମାର୍ଗ ନିରବଚ୍ଛିନ୍ନ କାର୍ଯ୍ୟଧାରାର ଆବଶ୍ୟକୀୟ ଦୁଇଟି ପ୍ରାନ୍ତ ଏବଂ ପରସ୍ପର ପରିପୂରକ ପ୍ରକ୍ରିୟା ମଧ୍ୟ ଅଟେ । ବର୍ତ୍ତମାନ ଏହି ବିଷୟରେ ସବିଶେଷ ବର୍ଣ୍ଣନା କରିବା ।

ପରିଚାଳନା ଗଠନାତ୍ମକ ପ୍ରକ୍ରିୟାର ପୃଷ୍ଠଭୂମି ହିସାବରେ ଯୋଜନା କରିବା, ସଂଗଠିତ କରିବା, ନିର୍ଦ୍ଦେଶ ଦେବା ଏବଂ ନିୟନ୍ତ୍ରଣ କରିବା କାର୍ଯ୍ୟଗୁଡିକ ମାଧ୍ୟମରେ ଶିକ୍ଷାନୁଷ୍ଠାନର ଲକ୍ଷ୍ୟ ହାସଲ କରିଥାଏ । ଶିକ୍ଷାନୁଷ୍ଠାନର ଲକ୍ଷ୍ୟ ପୂରଣ କରିବା ପାଇଁ କାର୍ଯ୍ୟଗୁଡିକ ନିରୂପଣ ଏବଂ କାର୍ଯ୍ୟଗୁଡିକ ମଧ୍ୟରେ ସ୍ଥିରତା ରକ୍ଷା କରିବା ପ୍ରତି ଅଧିକ ଧ୍ୟାନ ଦେବା ଆବଶ୍ୟକ । ସାଙ୍ଗଠନିକ ଲକ୍ଷ୍ୟ ପୂରଣରେ ବିଦ୍ୟାଳୟର ଅନ୍ୟମାନଙ୍କ କାର୍ଯ୍ୟରେ ନିର୍ଦ୍ଦେଶନା ଦେବାକୁ ଗୋଟିଏ ବିଦ୍ୟାଳୟର ପ୍ରଧାନଶିକ୍ଷକ କିମ୍ବା ଅଧକ୍ଷଙ୍କୁ ଔପଚାରିକ ମୁଖ୍ୟ ଦାୟିତ୍ୱ ଦିଆଯାଇଥାଏ । ତାଙ୍କ ଚାକିରୀର ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛି ନିର୍ଦ୍ଦେଶନା ଦେବା କିମ୍ବା ନେତୃତ୍ୱ ନେବା ।

ଅନ୍ୟ ଅର୍ଥରେ ନେତୃତ୍ୱ, ଅଧକ୍ଷ କିମ୍ବା ପ୍ରଧାନଶିକ୍ଷକଙ୍କ କାର୍ଯ୍ୟ କ୍ଷେତ୍ରରେ ବ୍ୟକ୍ତିମାନଙ୍କ ପରସ୍ପର ସମ୍ପର୍କ ସମ୍ବନ୍ଧୀୟ ଦୃଷ୍ଟିକୋଣ ସହିତ ଅଧିକ ମାତ୍ରାରେ ସଂଶ୍ଳିଷ୍ଟ ଅଟେ । ଶିକ୍ଷକ ଯେହେତୁ ଗୋଟିଏ ବିଦ୍ୟାଳୟ - ସମାଜିକ ପରିବେଶ ମଧ୍ୟରେ ଭାରସାମ୍ୟ ରକ୍ଷା କରିବେ ସେଥିପାଇଁ ଏହି ବ୍ୟକ୍ତିମାନଙ୍କର ପରସ୍ପର ସମ୍ପର୍କ ସମ୍ବନ୍ଧୀୟ ଦୃଷ୍ଟିକୋଣ (Interpersonal aspects) ଶିକ୍ଷକ ନେତାଙ୍କର ଭୂମିକାକୁ ଉଚ୍ଚତର କରିବାର ଆବଶ୍ୟକତା କରିଥାଏ । ପରିଚାଳକ ହିସାବରେ ସେ ଯୋଜନା, ସଙ୍ଗଠନ ଏବଂ ନିୟନ୍ତ୍ରଣ ସହିତ ଜଡିତ ହେବେ ସେହିପରି ଜଣେ ନେତା ହିସାବରେ ସେ ଅନୁପ୍ରେରିତ, ପ୍ରେରଣା, ପ୍ରଭାବିତ ଏବଂ ଆବଶ୍ୟକୀୟ ପରିବର୍ତ୍ତନ ଆଣିବାରେ ଜଡିତ ହେବା ଦରକାର ।

ଜେ.ପି.କୋଟେର J.P. Kotter (1992) ପରିଚାଳନା ଏବଂ ନେତୃତ୍ୱ ମଧ୍ୟରେ ସମାନତା ଆଣିବାଭଳି ମହତ୍ତ୍ୱପୂର୍ଣ୍ଣ ବିଷୟକୁ ଅଧିକ ଗୁରୁତ୍ୱ ପ୍ରଦାନ କରିଛନ୍ତି । ପରିଚାଳନା ଓ ନେତୃତ୍ୱର ଅକ୍ଷକୁ ନେଇ ତାର ପରମାଣ ଦର୍ଶାଇବା ପାଇଁ ଏକ ମଡେଲ ବିକାଶ (ପ୍ରସ୍ତୁତ) କରିଛନ୍ତି ।

| | |
|---|---|
| ଦୃଢ ପରିଚାଳନା ଓ ଦୃଢ ନେତୃତ୍ୱ | ଉତ୍ତମ ରୂପେ ସଂଗଠିତ, ଉତ୍ତମ ଅଭିପ୍ରେରଣା , ସଫଳ ଦଳ |
| ଦୃଢ ପରିଚାଳନା ଓ ଦୁର୍ବଳ ନେତୃତ୍ୱ | ପ୍ରଶାସନିକ ଦୃଷ୍ଟିକୋଣରୁ ମଧ୍ୟମ, କିନ୍ତୁ ସ୍ୱଳ୍ପ ପ୍ରେରଣା । |
| ଦୃଢ ନେତୃତ୍ୱ ଓ ଦୁର୍ବଳ ପରିଚାଳନା | ପ୍ରେରଣାପୂର୍ଣ୍ଣ ଓ ଅଭିପ୍ରେରିତ କିନ୍ତୁ ଅସଂଗଠିତ |
| ଦୁର୍ବଳ ପରିଚାଳନା ଓ ଦୁର୍ବଳ ନେତୃତ୍ୱ | ଅପ୍ରଭାବିତ / ଅଫଳପ୍ରଦ, ଦୁର୍ବଳ ଏବଂ ବେଳେବେଳେ ନକାରାତ୍ମକ କାର୍ଯ୍ୟ ପରିବେଶ |

ଶିକ୍ଷକ ନେତାଙ୍କର ଅନୁଭୂତି ଏବଂ ଦକ୍ଷତା ସହିତ ନେତୃତ୍ୱ ନେବାଠାରୁ ପରିଚାଳନା କରିବା ପର୍ଯ୍ୟନ୍ତ ସ୍ଥାନାନ୍ତରଣ କରିବା ହେଉଛି ଏକ ସ୍ୱାଭାବିକ ପ୍ରକ୍ରିୟା । କାର୍ଯ୍ୟରେ ଜଣେ ସଂପୂର୍ଣ୍ଣ ପେଶାଦାର ଅଧକ୍ଷ କିମ୍ବା ପ୍ରଧାନ ଶିକ୍ଷକ ଭାବେ ଏହା ବିଶ୍ୱାସ / ଧାରଣା ସୃଷ୍ଟି କରିପାରିବ ।

ଟିପ୍ପଣୀ

Williams(2008) ଦୁଇଟି ପ୍ରକ୍ରିୟାର ପ୍ରକୃତି ଯଥା -ପରିଚାଳନା ନେତୃତ୍ୱ- ନିରବଚ୍ଛିନ୍ନତା ଏବଂ ପରିପୂରକ ଓ ଆଂଶିକ ଆବୃତ କରିବା ଇତ୍ୟାଦିକୁ ପ୍ରଦର୍ଶନ କରିଛନ୍ତି । ନିମ୍ନରେ ଦିଆଯାଇଥିବା ଛବି ନଂ- ୧ କେତେକ ବ୍ୟବହାରିକ ନିୟମର ସୂଚକ ଏବଂ ପରିପୂରକ କାର୍ଯ୍ୟ ମଧ୍ୟରେ ଥିବା ପ୍ରଭେଦ ଦର୍ଶାଯାଇଛି ଏବଂ ପରିଚାଳନା କରିବା ନେତୃତ୍ୱ ନେବା ମଧ୍ୟରେ ଥିବା ପାର୍ଥକ୍ୟ ଦିଆଯାଇଛି ।

| ମନ / ପରିଚାଳନା କରିବା | ହୃଦୟ / ନେତୃତ୍ୱ ନେବା |
|---|---|
| ନିୟନ୍ତ୍ରଣ | ଅଭିପ୍ରେରଣା |
| ସମନ୍ୱୟ | ସକ୍ରୀୟକରଣ |
| ଗଣନା | ଆବେଗ |
| ଯୋଜନା ଓ ନିର୍ଦ୍ଦେଶନା | ପଦକ୍ଷେପ ଓ ନିର୍ଦ୍ଦେଶ |
| କ୍ଷତିକୁ ପରିଚାଳନା କରିବା | କ୍ଷତି ସହିବା |
| ସମ୍ବଳକୁ ପରିଚାଳନା କରିବା | ପ୍ରତିଭାକୁ ଉପଯୁକ୍ତ ମାର୍ଗରେ ନେବା |

ଛବି ୧ -ପରିଚାଳନା ନେତୃତ୍ୱ ନିରବଚ୍ଛିନ୍ନତା

ପରିଚାଳନା ଏବଂ ନେତୃତ୍ୱର ପରିପୂରକ ବ୍ୟବହାର ଓ କାର୍ଯ୍ୟକଳାପର ଏକ ଛାଞ୍ଚ/ ନକସା ନିମ୍ନ ସାରଣୀରେ ଦିଆଯାଇଛି । ଯଦି ତୁମେ ଚାହିଁବ ଏଗୁଡ଼ିକର ଅନ୍ୟ ଲକ୍ଷଣ ଗୁଡ଼ିକୁ ମଧ୍ୟ ଶେଷରେ ଲେଖିପାରିବ ।

| ପରିଚାଳନା | ନେତୃତ୍ୱ |
|---|---|
| ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ ଫଳାଫଳ ସଂଜ୍ଞା କରିବା /ଦେବା | ଆଶା, ଦୂରଦୃଷ୍ଟି ଏବଂ ଲକ୍ଷ୍ୟକୁ ଜଣାଇବା |
| ନୀତି ଏବଂ କୌଶଳର ସ୍ଥିର କରିବା | ମୂଲ୍ୟବୋଧର ସହମତ ଆଗକୁ ଉତ୍ସାହିତ କରିବା |
| ଗଠନ ଏବଂ ସମର୍ଥନ ପ୍ରଣାଳୀର ବ୍ୟବସ୍ଥା କରିବା | ଗୋଟିଏ ମହାନ ପରିବେଶ ସୃଷ୍ଟି କରିବା । |
| କାର୍ଯ୍ୟକ୍ରମ ସୂଚୀ / ଘଟଣା ସମ୍ବନ୍ଧୀୟ ସମୟକୁ ସମର୍ଥନ କରିବା | ଆଶା ଏବଂ ଆକାଂକ୍ଷାକୁ ନିଶ୍ଚିତ କରିବା |
| ସମ୍ବଳକୁ ଯୋଜନା, ସଂଗଠନ ଏବଂ ସକ୍ରୀୟକରଣ କରିବା | ଲୋକମାନଙ୍କୁ ସମ୍ପୂର୍ଣ୍ଣ ଭାବେ କୌଣସି ବଡ଼ ପ୍ରକଳ୍ପ କାର୍ଯ୍ୟରେ ନିୟୋଜିତ କରିବା । |
| ପରିମାପ ଏବଂ ନିୟନ୍ତ୍ରଣ ସ୍ଥାପନ କରିବା | ଗୋଟିଏ ଉଚ୍ଚତର ନୌତିକ ହାସଲକୁ ସୃଷ୍ଟି ଓ ନିର୍ମାଣ କରିବା |
| ଜ୍ଞାନ ଏବଂ ତଥ୍ୟକୁ ପରିଚାଳନା କରିବା | ପ୍ରତିଭାକୁ ଚିହ୍ନଟ, ବିକାଶ ଏବଂ ବ୍ୟବହାର କରିବା । |

ରଖିବା



ଟିପ୍ପଣୀ

ଜନ୍ କୋଟେର(୧୯୯୨)ଙ୍କ ଅନୁସାରେ, "ପରିଚାଳନା ହେଉଛି ଗୁରୁତ୍ୱପୂର୍ଣ୍ଣ କିନ୍ତୁ ନେତୃତ୍ୱ ହେଉଛି ଅତ୍ୟାବଶ୍ୟକ ।" କ୍ୱଚିତ ସମୟରେ ଜଣେ ପରିଚାଳକ ନେତା ଭାବରେ ବିଫଳ ହୁଅନ୍ତି କାରଣ,:ସେମାନେ

- ଆବେଗପୂର୍ଣ୍ଣ ଭାବରେ ବୃଦ୍ଧି ନ ହୋଇ ସେହି ସମୟରେ ସେମାନେ ଶିକ୍ଷ ବୈଜ୍ଞାନିକ ଏବଂ ବ୍ୟବସାୟୀ ଭାବେ ବୃଦ୍ଧି ହୋଇଥାନ୍ତି ।
- ଗୋଷ୍ଠୀ ଲୋକମାନଙ୍କ ସହିତ ସର୍ଜନାତ୍ମକ ସଂପର୍କ ପ୍ରତିଷ୍ଠା କରିବାରେ ବିଫଳ ହୋଇଥାନ୍ତି ।
- ଲୋକମାନଙ୍କର ମନୋଭାବ, ଆବେଗ ଏବଂ ସାମର୍ଥ୍ୟକୁ ବିନିଯୋଗ କରନ୍ତି ନାହିଁ ଏବଂ ସେମାନଙ୍କର ଅନ୍ତର୍ନିହିତ ଆବଶ୍ୟକତା ସମ୍ପର୍କରେ ସ୍ୱଳ୍ପ ଧାରଣା ପାଇଥାନ୍ତି ।
- ସେମାନଙ୍କର ଅହଂଭାବକୁ ପରିଚାଳନା କରିବା ପାଇଁ ବିଫଳ ହୋଇଥାନ୍ତି । ସେମାନଙ୍କର ଲକ୍ଷ୍ୟ ଏବଂ କାର୍ଯ୍ୟ ପ୍ରକ୍ରିୟାକୁ ପ୍ରତିହତ କରିବା ପାଇଁ ଅତ୍ୟଧିକ ରାଜନୈତିକ ପ୍ରଭାବକୁ ଅନୁମତି ଦେଇଥାନ୍ତି ।
- ଲୋକମାନେ ସେମାନଙ୍କଠାରୁ ଆଶା କରୁଥିବା ଆବଶ୍ୟକୀୟ ଉଦାହରଣ ସହିତ ବାସ କରିବା ପାଇଁ ପରିବେଶ ସୃଷ୍ଟି କରିବାରେ ବିଫଳ ହୁଅନ୍ତି । ସେହିପରି ଓଲିଭର୍ ଗୋଲ୍ଡସ୍ମିଥ୍ ଉଲ୍ଲେଖ କରିଛନ୍ତି ଯେ : "You can preach a better sermon with your life then with your lips"

ବର୍ତ୍ତମାନ,ତୁମେ ପରିଚାଳନା ଏବଂ ନେତୃତ୍ୱ ମଧ୍ୟରେ ଥିବା ମୁଖ୍ୟ ପାର୍ଥକ୍ୟକୁ ଖୋଜି ପାଇପାରିବ ଯେ:- କର୍ମଚାରୀ, ସହକର୍ମୀ,ଶିକ୍ଷାର୍ଥୀ ଏବଂ ଗୋଷ୍ଠୀ ଇତ୍ୟାଦି ସାନ୍ନିଧ୍ୟତାର ସହ ଇଚ୍ଛାପୂର୍ବକ ଭାବେ ନେତୃତ୍ୱକୁ ଅନୁସରଣ କରିବେ କାରଣ ସେମାନେ ଇଚ୍ଛା କରୁଛନ୍ତି, ଏହି କାରଣରୁ ନୁହେଁ ଯେ ସେମାନଙ୍କ ପାଖରେ ଅଛି । ଶିକ୍ଷକ ନେତା ଗୋଷ୍ଠୀ ଉପରେ କୌଣସି ଔପଚାରିକ(ଫରମାଲ୍) କ୍ଷମତାର ଦଖଲ କରିପାରିବେ ନାହିଁ,ବରଂ ଶିକ୍ଷକଙ୍କ ଅନୁରୋଧ କ୍ରମେ ଗୋଷ୍ଠୀ ଏହାର ଅନୁପାଳନ କରି ତାକୁ କ୍ଷମତା (ପାୱାର)ଦେଇଥାଏ । ତେଣୁ, ନେତୃତ୍ୱ ହେଉଛି ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସମାଜିକ -ମନସ୍ତାତ୍ତ୍ୱିକ ପ୍ରତିଷ୍ଠାନ ।

## ୭.୪.ନେତୃତ୍ୱ ଶୈଳୀ

ନେତୃତ୍ୱ ଶୈଳୀ ନିର୍ଦ୍ଦେଶ ଦେବା, ଯୋଜନାର ପ୍ରତିପାଦନ କରିବା ଏବଂ ଲୋକମାନଙ୍କୁ ପ୍ରେରଣା ଦେବାର ପଦ୍ଧତି ଏବଂ ପ୍ରଣାଳୀକୁ ସଂଯୋଗ କରିଥାଏ । ସାଧାରଣତଃ ନେତୃତ୍ୱ ଶୈଳୀ ହେଉଛି ୪ ପ୍ରକାରର ଏକଛତ୍ରବାଦୀ ନେତୃତ୍ୱ ଶୈଳୀ ନେତୃତ୍ୱ ( Autocratic Style ), ଅବଧନୀତି ନେତୃତ୍ୱ ଶୈଳୀ ହେଉଛି (Laissez Faire Style), ସହଜସାଧ ନେତୃତ୍ୱ ( Easygoing Style ) ଏବଂ ଗଣତାନ୍ତ୍ରିକ ନେତୃତ୍ୱ ( Demorcratic Style ) । ଏହା ବିଶେଷ କରି ନେତାମାନଙ୍କର ବ୍ୟବହାର ଅର୍ଥାତ ଯେତେବେଳେ ସେମାନେ ଅନ୍ୟମାନଙ୍କ ସହିତ କାରବାର (dealing) କରୁଛନ୍ତି ଏବଂ ନିଷ୍ପତ୍ତି ନେଉଛନ୍ତି ସେମାନେ ଏହି ୪ଟି ଢାଞ୍ଚା ମଧ୍ୟରୁ ଯେକୌଣସି ସାଧାରଣତଃ ଅବଲମ୍ବନ କରୁଛନ୍ତି ।

## ୭.୪. ଏକଛତ୍ରବାଦୀ ନେତୃତ୍ୱ

ଏକଛତ୍ରବାଦୀ ନେତୃତ୍ୱ କହିଲେ କ'ଣ ବୁଝୁଛ ତାହା ବର୍ଣ୍ଣନା କରିବା ପୂର୍ବରୁ ଏହି ନେତୃତ୍ୱର ବିଶେଷଜ୍ଞମାନେ କ'ଣ କହିଛନ୍ତି ନିମ୍ନରେ ଗୋଟିଏ ଉଦାହରଣ ଦିଆଯାଉଛି ।

"ସହଯୋଗୀ ଶିକ୍ଷକମାନେ, ଶିକ୍ଷାର୍ଥୀମାନେ ଏବଂ ଗୋଷ୍ଠୀର ସଦସ୍ୟମାନେ ସମସ୍ତେ ଉତ୍ତମ କାର୍ଯ୍ୟ

ନିହାତି କରିବେ । ସବଳ ନିର୍ଦ୍ଦେଶ ଏବଂ ଆଦେଶ ବିନା ସେମାନେ ନିଜ ନିଜର ଦାୟିତ୍ୱରୁ ନିସ୍ତାର ପାଇବା ପାଇଁ ନିହାତି ଚାହିଁବେ । ସେଥିପାଇଁ ପ୍ରତ୍ୟେକ ବିଦ୍ୟାଳୟ ଅଧ୍ୟକ୍ଷ କିମ୍ବା ପ୍ରଧାନଶିକ୍ଷକ, _Cluster Resource Centre (CRC) ଆଞ୍ଚଳିକ ସାଧନ କେନ୍ଦ୍ରର ସଦସ୍ୟମାନେ, ଜିଲ୍ଲା ଶିକ୍ଷା ଅଧିକାରୀମାନେ ଏବଂ ଅନ୍ୟ ଶିକ୍ଷା ପ୍ରଶାସକମାନେ ବଳପୂର୍ବକ ଭାବେ ସୋମନଙ୍କୁ ସେମାନଙ୍କର ଦାୟିତ୍ୱକୁ ସୁଚାରୁରୂପେ ତୁଲାଇବା ପାଇଁ ନିର୍ଦ୍ଦେଶ ଦେବାପାଇଁ ଆବଶ୍ୟକ କରୁଛି । ଯିଏ ନେତୃତ୍ୱ ଦେଉଛି ସେ ନିଜକୁ ନିଜେ ଜଣେ ମାଲିକ ଭାବେ ଦେଖିବ । ଶୈକ୍ଷିକ ପ୍ରଶାସକ -ଶିକ୍ଷକ - ଶିକ୍ଷାର୍ଥୀଙ୍କ ଉପରେ ଉପରିସ୍ଥ ଅଧିକାରୀ ତାଙ୍କର କ୍ଷମତାର ବ୍ୟବହାର କରିବେ । ଶିକ୍ଷକ ନେତା ଏବଂ ଶୈକ୍ଷିକ ପ୍ରଶାସକ ଖୋଲାଖୋଲି ଭାବେ ବିନା କ୍ଷମା ପ୍ରାର୍ଥନା ସହ ନିଜର କ୍ଷମତାର ସଦୁପଯୋଗ କରିପାରିବେ । ଅଧୀନସ୍ଥ କର୍ମଚାରୀମାନେ ଜାଣିଥିବେ ଯେ ଯଦି ସେମାନେ ନେତାଙ୍କ ଇଚ୍ଛା ଅନୁସାରେ କାର୍ଯ୍ୟ କରନ୍ତି, ତେବେ ସେମାନଙ୍କୁ ପୁରସ୍କାର ପ୍ରଦାନ ଏବଂ ଯଦି ନ କରନ୍ତି ତାହାଲେ ଶାସ୍ତି ବିଧାନ କରାଯିବ" ।

ବର୍ତ୍ତମାନ ଆମେ ଉପରୋକ୍ତ ଉଦାହରଣରୁ ମୁଖ୍ୟ ବୈଶିଷ୍ଟ୍ୟକୁ ବାହାର କରିପାରିବ ଏବଂ ନିମ୍ନ ମତ ଅନୁସାରେ ଏକଛତ୍ରବାଦୀ ନେତୃତ୍ୱ ସମ୍ବନ୍ଧୀୟ ଧାରଣା ଦୃଢୀକରଣ କରିପାରିବା ।

ଏକଛତ୍ରବାଦୀ ନେତୃତ୍ୱ ଶୈଳୀର ଅର୍ଥ ହେଉଛି, ଏକଛତ୍ରବାଦୀ ଶାସକଙ୍କ ଭଳି ସମସ୍ତ ନିଷ୍ପତି ଗ୍ରହଣ କ୍ଷମତା ନେତାଙ୍କ ଉପରେ କେନ୍ଦ୍ରୀଭୂତ ହୋଇଥାଏ । ନେତା ତାଙ୍କର ଅଧୀନସ୍ଥ କର୍ମଚାରୀଙ୍କଠାରୁ କୌଣସି ପ୍ରକାରର ପ୍ରସ୍ତାବ କିମ୍ବା ସୂତ୍ରପାତକୁ ଗ୍ରହଣ କରିନଥାନ୍ତି । ଏହି ପ୍ରକାରର ନେତା ତାଙ୍କର ଅଧୀନସ୍ଥ କର୍ମଚାରୀମାନଙ୍କୁ କୁହନ୍ତି ଯେ, ସେ ଯାହା ଚାହୁଁଛନ୍ତି ଏବଂ ଯେପରି ଚାହୁଁଛନ୍ତି ସେହିପରି କାର୍ଯ୍ୟହେବା ଦରକାର । କୌଣସି ପ୍ରକାରର ଉପଦେଶ କିମ୍ବା ପ୍ରସ୍ତାବ ସେ କାହାରି ଠାରୁ ଚାହାଁନ୍ତିନାହିଁ । ସେ ହେଉଛନ୍ତି ଏକ କଠୋର ଶୃଙ୍ଖଳାର ପ୍ରବର୍ତ୍ତକ ଏବଂ ବିଶ୍ୱାସ ରଖିଥାନ୍ତି ଯେ ପିଲାମାନଙ୍କ ଜୀବନ ପୁରସ୍କାର ଏବଂ ପ୍ରଶଂସା ଦ୍ୱାରା ନଷ୍ଟ ହୋଇଥାଏ । ଏହି ପ୍ରକାରର ନେତୃତ୍ୱ ହେଉଛି "କହିବା ଓ କରିବା(tell and do) "ପରିଚାଳକର ସଙ୍କେତ । ସାଧାରଣତଃ ଏହି ପ୍ରକାରର ନେତୃତ୍ୱ ହେଉଛି ଗୋଟିଏ ଏକକ ପ୍ରଦର୍ଶନ(Solo Performance) ଅନୁଷ୍ଠାନର ମୁଖ୍ୟ ଦେଖାଇ ହୁଅନ୍ତି ଯେ ସେ ନିଜର ଅଧୀନସ୍ଥ କର୍ମଚାରୀଙ୍କଠାରୁ ଅଳ୍ପ କିଛି ଉପଦେଶ ଚାହୁଁଛନ୍ତି । କିନ୍ତୁ ସେ ତାଙ୍କର ନିଜର ନିଷ୍ପତ୍ତି ନେଇଥାନ୍ତି, ଏବଂ ଯେତେ ସମ୍ଭବ ଅଳ୍ପ / ସ୍ୱଳ୍ପ ସ୍ୱାଧୀନ ଦାୟିତ୍ୱର ପ୍ରତିନିଧିତ୍ୱର ଭାର ଦେଇଥାନ୍ତି । ସାଧାରଣତଃ ଯୋଗାଯୋଗ ଏକ ଚାଟିଆ (one way ) ହୋଇଥାଏ । ଯଥା: ସେ କହିବେ ଏବଂ ତୁମେ ଶୁଣିବ । ଏକଛତ୍ରବାଦୀ ନେତୃତ୍ୱ ମାଧ୍ୟମ ଓ ସମାପ୍ତ ସହିତ ଅଧିକ ସଂପୃକ୍ତି । ଫଳାଫଳ କ'ଣ ହେଲା ? ଏଠାରେ ପ୍ରକ୍ରିୟା ଏବଂ ସେଥିରେ ଥିବା ଲୋକମାନଙ୍କର ସଂପୃକ୍ତିକୁ କମ୍ ଗୁରୁତ୍ୱ ଦିଆଯାଏ ।

ଏହି ପ୍ରକାରର ନେତୃତ୍ୱ କର୍ମଚାରୀ କିମ୍ବା ଅଧୀନସ୍ଥ କର୍ମଚାରୀଙ୍କର ବିକାଶ ଉପରେ ଗୋଟିଏ ବିକୃତ ପ୍ରଭାବ ପକାଇଥାଏ । ବାରମ୍ବାର ଧମକ ଏବଂ ଦଣ୍ଡର ବ୍ୟବହାର ଦ୍ୱାରା ସେମାନଙ୍କର ଫଳପ୍ରଦ କାର୍ଯ୍ୟ ଦକ୍ଷତା ହ୍ରାସ ପାଇଥାଏ ।

ଏତତ୍‌ବ୍ୟତୀତ, ଏହି ପ୍ରକାର ନେତୃତ୍ୱ ବେଳେବେଳେ ତୁରନ୍ତ ନିଷ୍ପତ୍ତି ଗ୍ରହଣକୁ ଅନୁମତି ଦେଇଥାଏ । ଅନୁଷ୍ଠାନ ପାଇଁ କେବଳ ଗୋଟିଏ ଲୋକ ନିଷ୍ପତ୍ତି ନେବ ଏବଂ ଅନ୍ୟ କର୍ମଚାରୀଙ୍କୁ ସେମାନଙ୍କର ଦାୟିତ୍ୱ ବଣ୍ଟନ କରିଦେବେ । ସେ କେବେବି ଅନୁଭବ କରନ୍ତି ନାହିଁ ଯେ, ପ୍ରଥମେ ଅନ୍ୟମାନଙ୍କ ସହ କାର୍ଯ୍ୟ ବଣ୍ଟନ ସମ୍ବନ୍ଧୀୟ କୌଣସି ଆଲୋଚନାର ଆବଶ୍ୟକତା ଅଛି ବୋଲି । ଏହାଛଡା ଆମେ ଏହା ଲିପିବଦ୍ଧ କରିପାରିବା ଯେ, ଏକଛତ୍ରବାଦୀ ନେତୃତ୍ୱ ଶୈଳୀ ସମ୍ମାନ ନଷ୍ଟ ଯଥା - ଭାଷା, ଚିତ୍କାର କରିବା, ବିଦ୍ରୂପାତ୍ମକ ବ୍ୟବହାର, କ୍ଷମତାର ଅପବ୍ୟବହାର



ଟିପ୍ପଣୀ

ଇତ୍ୟାଦିର ବ୍ୟବହାରକୁ ଅନ୍ତଃର୍ଭୁକ୍ତ କରୁନାହିଁ । ଏହା କୁହାଯାଇ ପାରିବ ଯେ ମନରେ ସ୍ପଷ୍ଟ ଲକ୍ଷ୍ୟ ବିନା ଜଣେ ନେତା / ଦଳପତି ତାଙ୍କର ଅନୁଷ୍ଠାନକୁ ଅପମାନଜନକ ଭାଷା ଏବଂ ବୃତ୍ତିଗତ ଶିଷ୍ଟାଚାର ବିରୁଦ୍ଧରେ କାର୍ଯ୍ୟକାରୀ କରିବେ ।

## ୭.୪.୨. ଅବାଧନୀତି ନେତୃତ୍ୱ :

ଜଣେ ଅବାଧନୀତି ନେତା ନିମ୍ନଲିଖିତ ଉଦାହରଣ ଅନୁସାରେ ନିଜକୁ ବର୍ଣ୍ଣନା କରିପାରିବେ ।

"ବିଦ୍ୟାଳୟ ବ୍ୟବସ୍ଥାର ବିଭିନ୍ନ ସ୍ତରର ଅଧିକାଂଶ ଶୈକ୍ଷିକ ପରିଚାଳକ ସେମାନେ କରୁଥିବା କାର୍ଯ୍ୟ ସଂପାଦାନକୁ ନେଇ ଗର୍ବ ଅନୁଭବ କରୁଛନ୍ତି । ମୁଁ ମୋର ଥିବା ସାମିତ ଦକ୍ଷତା ଏବଂ ତ୍ରୁଟି ସମ୍ପର୍କରେ ଅବଗତ ଅଛି । ମୁଁ ଜାଣିଛି ମୁଁ ମୋର ସହଯୋଗୀ ଶିକ୍ଷକମାନଙ୍କୁ , ଶିକ୍ଷାର୍ଥୀମାନଙ୍କୁ ଏବଂ ଗୋଷ୍ଠୀର ସମସ୍ତ ଲୋକମାନଙ୍କୁ ପ୍ରେରଣା ଦେବା ପାଇଁ ଯାହାଭି କଲେ ତାହା ଯଥେଷ୍ଟ ହେବ ନାହିଁ । ଏହା ସତ୍ୟ ଯେ ସେମାନଙ୍କର ନିଜ ଇଚ୍ଛା ଅନୁଯାୟୀ ପରିଚାଳିତ ହୁଅନ୍ତି । ସେମାନଙ୍କ ମଧ୍ୟରୁ କେତେ ଜଣ ଭଲ କାର୍ଯ୍ୟ ମଧ୍ୟ କରନ୍ତି ଏବଂ କେତେଜଣ କରନ୍ତି ନାହିଁ । କିନ୍ତୁ ଶିକ୍ଷକଙ୍କୁ ନେତା ହିସାବରେ ମୁଁ ଏ ସବୁ ଜିନିଷର ପରିବର୍ତ୍ତନ କରିପାରନ୍ତି । ଯାହାକି ମୁଁ ଚାହୁଁ ନାହିଁ । ମୋର କର୍ତ୍ତବ୍ୟ ହେଉଛି ବିଦ୍ୟାଳୟର ସ୍ଥିତିକୁ ବଜାଇ ରଖିବା ଏବଂ କୋଳାହଳ ବା ଗଣ୍ଡଗୋଳ ସୃଷ୍ଟିରୁ ଲୋକଙ୍କୁ ବା କର୍ମଚାରୀଙ୍କୁ ନିବୃତ୍ତ ରଖିବା । ବ୍ୟାଘାତ ବିନା ବିଦ୍ୟାଳୟ ଉତ୍ତମ ରୂପେ କାର୍ଯ୍ୟକାରୀ ହୋଇପାରିବ । ଜୀବିତ ରହିବା ଅର୍ଥ ହେଉଛି ଗୋଟେ ନିମ୍ନ ରୂପରେଖ(ଲୋ ପ୍ରୋଫାଇଲ) କୁ ଧରିବା । ରଙ୍ଗୀନ ଶୈକ୍ଷିକ ପରିଚାଳକ ଆସିବେ ଏବଂ ଯିବେ, କିନ୍ତୁ ଯେଉଁମାନେ ଗୋଟିଏ ରୂପରେଖକୁ କିପରି ଧରାଯାଏ ତାହା ଜାଣିଛନ୍ତି ସେମାନେ ଅଧିକ ସମୟ ଧରି ଗୋଟିଏ ସ୍ଥାନରେ ରହିପାରିବେ । "

ଉପରୋକ୍ତ ଉକ୍ତିରୁ ଆମେ ଅବାଧନୀତି ନେତୃତ୍ୱର କେଉଁ ଧାରଣା ଏବଂ ଲକ୍ଷଣ ଗୁଡିକୁ ବାହାର କରିବା ? ନିମ୍ନରେ ଏହି ସମ୍ପର୍କରେ ଆଲୋଚନା କରାଯାଇଛି । ଅବଧନୀତି ନେତା (Laissez Faire Leader) ତାଙ୍କର କର୍ମଚାରୀମାନଙ୍କୁ ସେମାନଙ୍କର ନିଜର ନିଷ୍ପତ୍ତି ନେବା ପାଇଁ ଅନୁମତି ଦେଇଥାନ୍ତି । ଏହି ନେତା ସଦାସର୍ବଦା ନିଜର କାଗଜ-କଲମ କାର୍ଯ୍ୟରେ ବ୍ୟସ୍ତ ରୁହନ୍ତି । ସେହିପାଇଁ ସେ ନିଜର କର୍ମଚାରୀମାନଙ୍କ ଠାରୁ ଦୂରତା / ବ୍ୟବଧାନ ବଜାଇ ରଖିଥାନ୍ତି । ଏହି ପ୍ରକାର ନେତା ଅନୁଭବ କରନ୍ତି ଯେ ସେ ତାଙ୍କ ବିଦ୍ୟାଳୟକୁ କୋଳାହଳ ସୃଷ୍ଟିରୁ ପିଲାମାନଙ୍କୁ ଏବଂ କର୍ମଚାରୀମାନଙ୍କୁ ନିବୃତ୍ତ ରଖିବା ହେଉଛି ତାଙ୍କର ଦାୟିତ୍ୱ । ଏହାର ବାର୍ତ୍ତା ହେଉଛି "ତୁମେ ଲୋକମାନଙ୍କର କାର୍ଯ୍ୟ କରିବାର ମାଧ୍ୟମକୁ ପରିବର୍ତ୍ତନ କରିପାରିବ ନାହିଁ, ତେଣୁ କାହିଁକି ଚେଷ୍ଟା କରିବ ?" ନେତା ପରିବର୍ତ୍ତନ ଆରମ୍ଭ କରିବାର କର୍ତ୍ତା ନୁହଁନ୍ତି । ବରଂ ସେ ତାଙ୍କର ବିଭାଗର ରକ୍ଷାଣାରକ୍ଷଣ ବ୍ୟବସ୍ଥାକୁ ସଜାଡ଼ିବାରେ ସମୟ ଅତିବାହିତ କରିବା ଏବଂ ନିଜକୁ ସୁରକ୍ଷା ଦେବା ଆବଶ୍ୟକ । ବ୍ୟକ୍ତିଗତ ନିଷ୍ପତ୍ତି କିମ୍ବା ସୂତ୍ରପାତ ଗ୍ରହଣ ନକରି ନେତା କେବଳ ଜଣେ ଉଚ୍ଚ ସ୍ତରର ପ୍ରାଧିକାରୀଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତିକୁ ବହନ କରିବେ । ଆବଶ୍ୟକ ସ୍ଥଳରେ ଏହି ପ୍ରକାର ନେତୃତ୍ୱ ଶୈଳୀ ମଧ୍ୟ ନେଇଥିବା ନିଷ୍ପତ୍ତିକୁ ଘୁଞ୍ଚାଇଦେଇ ପାରିବ । ଏହି ପ୍ରକାର ନେତୃତ୍ୱ ପାରମ୍ପରିକ, ପରୀକ୍ଷିତ -ଏବଂ-ସତ୍ୟ ଉପାୟରେ କାର୍ଯ୍ୟ କରିବାର ମାଧ୍ୟମକୁ ଆଦର କରିଥାଏ । କାରଣ ସେମାନେ ହେଉଛନ୍ତି ନୂତନ ଏବଂ ପରୀକ୍ଷଣାତ୍ମକ(Experimental) ଠାରୁ ନିରାପଦ । ଏହି ଶୈଳୀର ନେତା ନିଜେ ନିଷ୍ପତ୍ତି ନେବା ପରିବର୍ତ୍ତେ ଅନ୍ୟ ଜଣଙ୍କ ଦ୍ୱାରା ନିଷ୍ପତ୍ତି ନେବାକୁ ନିରାପତ୍ତା ମନେ କରନ୍ତି । ଶିକ୍ଷକ ନେତା କ୍ଷତି ବା ବିପଦକୁ ଧରିବା ପାଇଁ ଅନିଚ୍ଛା ପ୍ରକାଶ କରନ୍ତି ।

ଏହି ଶୈଳୀର ନେତୃତ୍ୱ ସେହି ସ୍ଥାନରେ ବ୍ୟବହାର କରାଯାଇପାରିବ ଯେଉଁଠାରେ କର୍ମଚାରୀମାନେ

ଟିପ୍ପଣୀ

ପରିସ୍ଥିତିକୁ ବିଶ୍ଳେଷଣ କରିବାର ସାମର୍ଥ୍ୟ ଥିବ ଏବଂ କ'ଣ କରିବାର ଆବଶ୍ୟକତା ଅଛି ତାହା ନିର୍ଦ୍ଧାରଣ କରିପାରୁଥିବେ ଏବଂ କିପରି ଏହାକୁ କାର୍ଯ୍ୟକାରୀ କରାଯିବ ତାହାର ନିଷ୍ପତ୍ତି ମଧ୍ୟ ନେଇପାରୁଥିବେ ।

### ୭.୪.୩. ସହଜସାଧ୍ୟ ନେତୃତ୍ୱ

ଏହି ପ୍ରକାରର ନେତୃତ୍ୱକୁ ବୁଝିବା ପାଇଁ ନିମ୍ନରେ ଦିଆଯାଇଥିବା ଉଦାହରଣକୁ ବିଚାରକୁ ନିଆଯାଇଛି । ଆମେ ଦେଖିବା ସହଜସାଧ୍ୟ ନେତୃତ୍ୱ କାହାକୁ କୁହାଯାଏ ? "ବିଦ୍ୟାଳୟର ଉତ୍ପାଦାନ ଶକ୍ତି ଏବଂ ନୀତି ଶିକ୍ଷା / ନୈତିକତା ମଧ୍ୟରେ ଏକ ବଳିଷ୍ଠ ସମ୍ପର୍କ ଅଛି । ଯେହେତୁ ଉତ୍ପାଦନ ଶକ୍ତି ବୃଦ୍ଧିର ରହସ୍ୟ ଉଚ୍ଚତର ନୀତିଶିକ୍ଷା ପରିଚାଳନା ଉପରେ ନିର୍ଭର କରିଥାଏ । ଯେହେତୁ ଶୈକ୍ଷିକ ବ୍ୟବସ୍ଥା ଲକ୍ଷଣ ବା ପ୍ରକୃତି ଦୃଷ୍ଟିକୋଣରୁ ବୃହତ୍ତର ଏବଂ ଜଟିଳ । ସେମାନେ ଅଧିକରୁ ଅଧିକତର ଅମଲାଗିରି(Bureaucratic)ହେବା ପାଇଁ ଯତ୍ନବାନ ହେଉଛନ୍ତି । ଏହି ପରିସ୍ଥିତିରେ ଗୋଟିଏ ବିପଦପୂର୍ଣ୍ଣ ଘଟଣା ହେଉଛି ମାନବମାନଙ୍କୁ ଉପେକ୍ଷା କରାଯାଇଛି । ତେଣୁ, ନୈତିକତାକୁ ଉପରକୁ ଉଠେଇବା ପାଇଁ ଶିକ୍ଷାର୍ଥୀ, ଶିକ୍ଷକ ଏବଂ ଗୋଷ୍ଠୀର ସଦସ୍ୟମାନେ ସ୍ନେହ, ହାର୍ଦ୍ଦିକତା (warmth) ବନ୍ଧୁତାପୂର୍ଣ୍ଣ ବ୍ୟବହାର କରିବା ଏବଂ ଗୋଟିଏ ଭାବନାଶକ୍ତି ରହିବା ଦରକାର ଯେ ଆମେ ସମସ୍ତେ ହେଉଛେ ମନୁଷ୍ୟ ଏବଂ ଭୁଲ୍ ଆମ ଦ୍ୱାରା ହୋଇଯାଏ । ସେଥିପାଇଁ ଜଣେ ଶିକ୍ଷକ ନେତା ହିସାବରେ ମୋର ଗୁରୁତ୍ୱପୂର୍ଣ୍ଣ କର୍ତ୍ତବ୍ୟ ହେଉଛି ସ୍ନେହି ବନ୍ଧୁତାପୂର୍ଣ୍ଣ, ସହିଷ୍ଣୁ ଏବଂ ସହାନୁଭୂତି ସମ୍ପର୍ଣ୍ଣ ଗୁଣ ମୋ ପାଖରେ ରହିବା ଆବଶ୍ୟକ । ଲୋକମାନଙ୍କୁ ହେୟ ଜ୍ଞାନ କରିବା ଦ୍ୱାରା ଆମେ କିଛି ହାସଲ କରିପାରିବା ନାହିଁ । ମୁଁ ସେମାନଙ୍କୁ ଖୁସି ଦେବାକୁ ଚାହୁଁଛି ଏବଂ ମୁଁ ସେମାନଙ୍କୁ ବିଶ୍ୱାସ କରିବା ସହିତ ତାଙ୍କ ସହିତ ମୁଁ ସବୁବେଳେ ଅଛି ବୋଲି ପ୍ରତିଶ୍ରୁତି ଦେବାକୁ ପସନ୍ଦ କରେ ।"

ଉପରୋକ୍ତ ଉକ୍ତିରୁ ଆମେ ସହଜସାଧ ନେତୃତ୍ୱର ଧାରଣା ଏବଂ ଦୃଷ୍ଟିକୋଣ ବିଷୟରେ ଜ୍ଞାନ ହାସଲ କରିପାରିବା ଯେଉଁଗୁଡିକ ନିମ୍ନରେ ଆଲୋଚନା କରାଯାଇଛି :-

ସହଜସାଧ ନେତୃତ୍ୱର ଅର୍ଥ ହେଉଛି ଏକ ଢିଲା (Loose) ଏବଂ ଅବ୍ୟବସ୍ଥିତ ନେତୃତ୍ୱ ଯାହାକୁ କାର୍ଯ୍ୟପଦ୍ଧତି, ନିୟମ, ଧାର୍ଯ୍ୟନିୟମ ଏବଂ ବ୍ୟବସ୍ଥା ପାଇଁ ଏହାକୁ ସ୍ୱଳ୍ପ ମାତ୍ରାରେ ବ୍ୟବହାର କରାଯାଏ । ଦର୍ଶନଶାସ୍ତ୍ର ଏହାକୁ ସମର୍ଥନ କରେ ଯେ :- ବିଦ୍ୟାଳୟ ଏବଂ ଗୋଷ୍ଠୀ ସହିତ ସଂପୃକ୍ତ ଚାକିରୀ / କାର୍ଯ୍ୟଗଠନ ପ୍ରଣାଳୀ ବିନା ମଧ୍ୟ ସୂଚାରୁ ରୂପେ ହୋଇପାରିବ, ଯଦି ଏଥିରେ ସଂପୃକ୍ତ କର୍ମଚାରୀ ଖୁସି, ପ୍ରଫୁଲ୍ଲ ଏବଂ ଆରମ ପାଇପାରୁଛନ୍ତି । ଏହି ଶୈଳୀରେ ଜଣେ ଶିକ୍ଷକ ନେତା ଭାବରେ ତାଙ୍କ ନିକଟରେ ବନ୍ଧୁତାପୂର୍ଣ୍ଣ, ସହିଷ୍ଣୁତା ଏବଂ ସହାନୁଭୂତିଶୀଳ ପ୍ରଭୃତି ଗୁଣ ରହିବା । ଯଦି ଗୋଟିଏ ଶିକ୍ଷାର୍ଥୀ କିମ୍ବା ଜଣେ ଗୋଷ୍ଠୀ ସଦସ୍ୟ କୌଣସି ଭୁଲ୍ କାର୍ଯ୍ୟ କରେ, ତେବେ ଶିକ୍ଷକ ନେତାଙ୍କ କାର୍ଯ୍ୟ ହେଉଛି ଏହା ଉପରେ ଅତ୍ୟଧିକ ଗୁରୁତ୍ୱ ଆରୋପ ନକରି କ୍ଷମା କରିବା ଆବଶ୍ୟକ । ଏହି ପ୍ରକାରର ନେତୃତ୍ୱ ହେଉଛି ଅନାବଶ୍ୟକ ନେତୃତ୍ୱ । ଏହା ସମସ୍ତଙ୍କୁ ଖୁସି ଦେବା ପାଇଁ ପସନ୍ଦ କରେ ଏବଂ ସମସ୍ତଙ୍କୁ ସେମାନଙ୍କର ନିଜ ଢଙ୍ଗରେ କାର୍ଯ୍ୟ କରିବାପାଇଁ ପ୍ରବର୍ତ୍ତାଇ ଥାଏ । ଏହି ପ୍ରକାରର ନେତୃତ୍ୱ ସକାରାତ୍ମକ ପୁନଃବଳନକୁ ଅତି ସହଜରେ ଗ୍ରହଣ କରିଥାଏ । ଅସନ୍ତୋଷଜନକ ପ୍ରଦର୍ଶନ ସମ୍ପର୍କରେ କିଛି ଆଲୋଚନା କରିନଥାଏ । ସହଜସାଧ ନେତୃତ୍ୱ ଲୋକ - ଲୋକ ମଧ୍ୟରେ ହେଉଥିବା ସିଧାସଳଖ ଆଦାନପ୍ରଦାନକୁ ଅଧିକ ଗୁରୁତ୍ୱ ଦେବା ସହିତ ସେମାନଙ୍କ ପାଇଁ ଅତ୍ୟଧିକ କର୍ମଶକ୍ତିର ବିନିଯୋଗ କରିଥାଏ । ଚାକିରୀ ସହିତ ସମ୍ପର୍କି ନଥିବା କୌଣସି ଜିନିଷ ଉପରେ ବୃଥା ଆଲୋଚନା କରି ଏହି ନେତୃତ୍ୱରେ ଅଯଥା ସମୟ ଅତିବାହିତ କରାଯାଏ । ଉଦାହରଣ :- ରାଜନୈତିକ, ଖେଳ, ଚିତ୍ତବିନୋଦନ, ପାରିବାରିକ ବିଷୟ କିମ୍ବା ଅନ୍ୟ କୌଣସି ତୁଚ୍ଛ ଘଟଣା ଉପରେ ବାର୍ତ୍ତାଳାପ କରି ଅଧିକାଂଶ ସମୟ ଅତିବାହିତ କରାଯାଏ ।

ଟିପ୍ପଣୀ

ସହଜ, ଲାଭଜନକ ଏବଂ ସାଧାରଣତଃ ବାର୍ତ୍ତାଳାପରେ ଅସମାନୁପାତୀ ଭାବେ ସମୟ ଅତିବାହିତ କରିବା ଯୋଗୁଁ ଶିକ୍ଷାର୍ଥୀମାନଙ୍କ, ଶିକ୍ଷକମାନଙ୍କ ଏବଂ ଗୋଷ୍ଠୀ ସଦସ୍ୟମାନଙ୍କ ମଧ୍ୟରେ ବିଶୃଙ୍ଖଳା ଗଢି ଉଠିବାରେ ସାହାଯ୍ୟ କରିଥାଏ । ସେମାନେ ଉତ୍ପାଦକ (Productive) ଏବଂ ଅଣଉତ୍ପାଦକ (Non - Productive) ବ୍ୟବହାର ମଧ୍ୟରେ ଥିବା ପାର୍ଥକ୍ୟ ଦର୍ଶାଇବାରେ ବିଫଳ ହୋଇଥାନ୍ତି । ଏହି ବିଶୃଙ୍ଖଳା ସ୍ୱାସ୍ଥ୍ୟକର ବିକାଶରେ ବାଧାଦେବା ସହିତ ଏହାର ଶ୍ୱାସରୁଦ୍ଧ କରିଥାନ୍ତି ।

## ୭.୪.୪. ଗଣତାନ୍ତ୍ରିକ ନେତୃତ୍ୱ

ଗଣତାନ୍ତ୍ରିକ ନେତୃତ୍ୱକୁ ବୁଝିବାପାଇଁ, ବର୍ତ୍ତମାନ ଆମେ ଜଣେ ନେତାଙ୍କର ଗୋଟିଏ ଉଦାହରଣ ନେବା, ଯିଏ ଏହି ପ୍ରକାରର ନେତୃତ୍ୱ ଶୈଳୀକୁ ଅଭ୍ୟାସ କରିଛନ୍ତି ।

"ମୁଁ ଏହା ଦେଖିଛି ଯେ, ମୋର କାର୍ଯ୍ୟ ମୋର ଶିକ୍ଷାର୍ଥୀମାନଙ୍କୁ, ସହକର୍ମୀ ଶିକ୍ଷକମାନଙ୍କୁ ଏବଂ ଗୋଷ୍ଠୀ ସଦସ୍ୟମାନଙ୍କୁ ପାଇଁ ଉତ୍ତମ ହୋଇପାରିଛି । ମୁଁ ସେମାନଙ୍କୁ ଦେଖାଇବାକୁ ଚାହୁଁଛି ଯେ : - ସ୍ୱାଭାବିକ ଭାବେ ସେମାନେ କେତେ ମାତ୍ରାରେ ଦକ୍ଷ, ଏବଂ ସେମାନେ ସେମାନଙ୍କର ସମ୍ପୂର୍ଣ୍ଣ ସାମର୍ଥ୍ୟକୁ ବ୍ୟବହାର କରି କେତେ ଭଲଭାବରେ କାର୍ଯ୍ୟ ସଂପାଦନ କରିପାରୁଛନ୍ତି । ମୁଁ ସେମାନଙ୍କୁ ସାହାଯ୍ୟ କରି, ସେମାନଙ୍କର ଆବଶ୍ୟକୀୟ ଜ୍ଞାନ, ଦକ୍ଷତା ଏବଂ ପ୍ରେରଣାର ବିକାଶ କରିଛି । ମୁଁ ବିଶ୍ୱାସ କରେ ସିଧାସଳଖ ସ୍ୱାୟତ୍ତ ଶାସନ ଉପରେ । ମୁଁ ନିଜର ପ୍ରଦର୍ଶନ ସ୍ତରକୁ ଶକ୍ତିଶାଳୀ କରିବା ପାଇଁ ଶିକ୍ଷାର୍ଥୀମାନଙ୍କୁ, ସହକର୍ମୀମାନଙ୍କୁ, ଶିକ୍ଷକମାନଙ୍କୁ ଏବଂ ଗୋଷ୍ଠୀ ସଦସ୍ୟମାନଙ୍କୁ ସମ୍ବଳ ଭାବେ ବିଚାର କରିଥାଏ । ମୋର କର୍ତ୍ତବ୍ୟକୁ ଉତ୍ତମ ରୂପେ କରିବା ପାଇଁ ମୁଁ ପ୍ରଚୁର ପରିମାଣର ସାହାଯ୍ୟର ଆବଶ୍ୟକତା କରୁଛି । ମୁଁ ନିଜର ଅନୁପୂରକ (suppliment) ପାଇଁ ସେ ଲୋକମାନଙ୍କର ଅନୁଭୂତି, ଚିନ୍ତାଧାରା ଏବଂ ପ୍ରତିଭାର ସାହାଯ୍ୟ ନେବାର ଦରକାର ଅଛି । ବେଳେବେଳେ ମୁଁ ଏକୁଟିଆ କାର୍ଯ୍ୟକରୁଅଛି, କିନ୍ତୁ ଏହାର ଅର୍ଥ ନୁହେଁ ଯେ କାର୍ଯ୍ୟ କରୁଛି ପୃଥକୀକରଣ ଭାବେ (ସେମାନଙ୍କୁ ଛାଡି) । ଏହାଛଡା, ଯେତେବେଳେ ସମ୍ଭବ ମୁଁ ସେମାନଙ୍କର ପରାମର୍ଶ ନେବାକୁ ପସନ୍ଦ କରେ ଏବଂ ସେମାନଙ୍କର ଅନୁଭୂତି ଏବଂ ଅନ୍ତର୍ଦୃଷ୍ଟିକୁ ସବୁବେଳେ ମାନସପଟରେ ରଖିଥାଏ ।

"ଏଇ, ମାଧ୍ୟମରେ ମୁଁ ଖୋଜି ପାଇଛି ଯେ, ସମସ୍ତେ ହେଉଛନ୍ତି ଉତ୍ତମ । ସମସ୍ତ ଗୋଷ୍ଠୀର ପ୍ରାଥମିକ ଶିକ୍ଷାକୁ ସହଜସାଧ୍ୟ କରିବା ପାଇଁ ଥିବା ମୋର ପ୍ରଚେଷ୍ଟାରେ ଶିକ୍ଷାର୍ଥୀମାନଙ୍କର, ଶିକ୍ଷକମାନଙ୍କର, ସହକର୍ମୀମାନଙ୍କର, ଗୋଷ୍ଠୀ ସଦସ୍ୟ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ଅଛି ମୋର ନିଜର ପ୍ରଦର୍ଶନୀରେ ମଧ୍ୟ ଉନ୍ନତି ଘଟିଛି ଏବଂ ସେମାନଙ୍କର ଅଂଶ ଗ୍ରହଣ ଯୋଗୁଁ ଉଭୟ ବିଦ୍ୟାଳୟ ଏବଂ ଗୋଷ୍ଠୀ ଲାଭବାନ ହୋଇପାରିଛି"।

ନିମ୍ନରେ ଗଣତାନ୍ତ୍ରିକ ନେତୃତ୍ୱର ଲକ୍ଷଣଗୁଡ଼ିକ ଦିଆଯାଇଛି ।

- ଏହି ପ୍ରକାର ନେତୃତ୍ୱରେ ଦାୟିତ୍ୱ ଗୋଷ୍ଠୀ ବା ଦଳରେ ବଣ୍ଟାଯାଏ । ନିଷ୍ପତ୍ତି ଗ୍ରହଣରେ ଦଳର ସମସ୍ତ ସଦସ୍ୟ ଅଂଶଗ୍ରହଣ କରିପାରିବେ ।
- ଦାୟିତ୍ୱକୁ ସୂଚାରୁରୂପେ କାର୍ଯ୍ୟକାରୀ କରିବା ନେତା ସେମାନଙ୍କର ସମସ୍ତ କର୍ମଚାରୀମାନଙ୍କୁ ସଶକ୍ତ କରିବ । ସଶକ୍ତିକରଣ, ଦିଆଯାଇଥିବା ଦାୟିତ୍ୱକୁ ସକ୍ରିୟତା ପୂର୍ବକ ସମାପ୍ତ କରିବାପାଇଁ ଆବଶ୍ୟକୀୟ ଶିକ୍ଷା ଏବଂ ପ୍ରଶିକ୍ଷଣକୁ ଅନ୍ତର୍ଭୁକ୍ତ କରିଥାଏ ।
- ଗଣତାନ୍ତ୍ରିକ ନେତାଙ୍କର ଗୋଟିଏ ମୁଖ୍ୟ ଭୂମିକା ହେଉଛି ନିଷ୍ପତ୍ତି ଗ୍ରହଣ କରିବା । ସମୟରେ ଗଣତାନ୍ତ୍ରିକ

ଯତ୍ନ ପୂର୍ବକ ବିଚାର କରିବା ଉଚିତ୍ । ଏହାର ଅର୍ଥ ହେଉଛି ଯେ, ନେତା ଜଣେ ଉତ୍ତମ କାର୍ଯ୍ୟଗ୍ରାହୀ (Facilitator) ଏବଂ ଦଳର ସଦସ୍ୟମାନଙ୍କ ମଧ୍ୟରେ ମଧ୍ୟସ୍ଥି ଭାବେ କାର୍ଯ୍ୟ କରିବେ । ଗୋଟିଏ ସ୍ୱାସ୍ଥ୍ୟକର ଏବଂ ସମ୍ମାନପୂର୍ଣ୍ଣ ପରିବେଶ ସୃଷ୍ଟି କରିବେ ।

ଟିପ୍ପଣୀ

## ୭.୫ ନେତୃତ୍ୱର କାର୍ଯ୍ୟ

ଏହା ବ୍ୟାପକ ଭାବେ ଚିହ୍ନଟ କରାଯାଇଛି ଏବଂ ଗ୍ରହଣ ମଧ କରାଯାଇଛି ଯେ ବିଦ୍ୟାଳୟ-ଗୋଷ୍ଠୀ ସମ୍ପର୍କର ଏକ ପରିବେଷ୍ଟନୀରେ ବିଦ୍ୟାଳୟର କାର୍ଯ୍ୟକାରିତା ଗୋଟିଏ ଶିକ୍ଷକ ନେତାର ଅର୍ଥପୂର୍ଣ୍ଣ କାର୍ଯ୍ୟ ଉପରେ ପ୍ରଧାନତଃ ନିର୍ଭର କରିଥାଏ । ବିଦ୍ୟାଳୟ ଶିକ୍ଷକଙ୍କର ଶିକ୍ଷାର୍ଥୀମାନଙ୍କଠାରୁ, କର୍ମଚାରୀବୃନ୍ଦ ଏବଂ ଗୋଷ୍ଠୀ ସଦସ୍ୟମାନଙ୍କଠାରୁ ଆଶା ବା ପ୍ରତ୍ୟାଶା ଥାଏ । ଏହି ପରିସ୍ଥିତିରେ ଶିକ୍ଷକ ଏକ ଜଟିଳ ପରିସ୍ଥିତିରେ ରହି ନିଜର କାର୍ଯ୍ୟ ଓ ଦାୟିତ୍ୱକୁ ବୁଝିଥାନ୍ତି । ପ୍ରଶ୍ନ ହେଉଛି ଗୋଟିଏ ଶିକ୍ଷକଙ୍କଠାରୁ ଶିକ୍ଷାର୍ଥୀମାନେ, ସହକର୍ମୀ ଶିକ୍ଷକମାନେ, ଶୈକ୍ଷିକ ପ୍ରଶାସକମାନେ, ଅଭିଭାବକମାନେ ଏବଂ ଗୋଷ୍ଠୀ ସଦସ୍ୟମାନେ କଣ ଆଶା କରିଥାନ୍ତି ? ଏହା ଗୋଟିଏ ଶିକ୍ଷକ ନେତାର କାର୍ଯ୍ୟ କିମ୍ବା ଭୂମିକା ସହିତ ସଂପର୍କିତ । ବର୍ତ୍ତମାନ ଜଣେ ଶିକ୍ଷକ ନେତାଙ୍କର କାର୍ଯ୍ୟଗୁଡ଼ିକୁ ବର୍ଣ୍ଣନା କରିବା ।

ଜଣେ ଶିକ୍ଷକ ନେତାର ପ୍ରସ୍ତୁତି ହେଉଛି ପ୍ରତିଫଳନ ଏବଂ ଶିକ୍ଷଣର ଏକ ଜଟିଳ ପ୍ରକ୍ରିୟା ଯେଉଁଟା ବିଦ୍ୟାଳୟ - ଗୋଷ୍ଠୀ ସମ୍ପର୍କରେ ସାମାଜିକୀକରଣର ଦରକାର କରୁଛି ଏବଂ ଗୋଟିଏ ନୂତନ ଭୂମିକାରେ କାର୍ଯ୍ୟକରିବାର କଳ୍ପନା ମଧ କରାଯାଉଛି । ବିଦ୍ୟାଳୟ ଶିକ୍ଷକଙ୍କର କାର୍ଯ୍ୟ ଉପରେ ହୋଇଥିବା ଗବେଷଣାକୁ ବିଶ୍ଳେଷଣ କରାଯାଇଛି, Leithwood ଏବଂ Duke(1999) ନିମ୍ନଲିଖିତ ନେତୃତ୍ୱ କାର୍ଯ୍ୟଗୁଡିକର ଦୃଷ୍ଟିକୋଣକୁ ଚିହ୍ନଟ କରିଛନ୍ତି ।

ଶିକ୍ଷାଦାନ ସମ୍ବନ୍ଧୀୟ (ନିଜର ଶୈକ୍ଷିକ ଦକ୍ଷତା / ସାମର୍ଥ୍ୟ ବୃଦ୍ଧିକରିବା ଏବଂ ଶିକ୍ଷାର୍ଥୀମାନଙ୍କର ଉପଲବ୍ଧି ସ୍ତର ବୃଦ୍ଧି କରିବା ପାଇଁ ସହକର୍ମୀ ଶିକ୍ଷକମାନଙ୍କର କାର୍ଯ୍ୟକୁ ପ୍ରଭାବିତ କରୁଥିବା ମାଧ୍ୟମ ଅନୁସରଣ କରିବା)

ରୂପାନ୍ତରଣ (ବିଦ୍ୟାଳୟ କର୍ମଚାରୀ ଏବଂ ଅନ୍ୟମାନଙ୍କର ସାମର୍ଥ୍ୟ ଏବଂ ପ୍ରତିଶ୍ରୁତିକୁ ବୃଦ୍ଧି କରିବା) ।

ନୀତିଶିକ୍ଷା (ଠିକ୍ ଏବଂ ଭୁଲର ଅବଧାରଣାକୁ ନିଜର ଆଚରଣ ଦ୍ୱାରା, ଅନ୍ୟମାନଙ୍କୁ ପ୍ରଭାବିତ କରିବା) ।

ସହଭାଗିତା (ବିଦ୍ୟାଳୟ ସହିତ ସହଯୋଗୀ ଗୋଷ୍ଠୀ ସଦସ୍ୟ ଏବଂ ଶୈକ୍ଷିକ କାର୍ଯ୍ୟରେ ସଂପୃକ୍ତ କରିବା ।

ସମ୍ଭାବ୍ୟ (ସେମାନେ ପରିସ୍ଥିତି ଅନୁକୂଳ ବ୍ୟବହାରକୁ ଗ୍ରହଣ କରିବା)

### ୭.୫.୧. ଶିକ୍ଷାଦାନ ସମ୍ବନ୍ଧୀୟ କାର୍ଯ୍ୟ

ରୂପାନ୍ତରଣ ସମ୍ବନ୍ଧୀୟ ନେତୃତ୍ୱର କାର୍ଯ୍ୟ ପରିବର୍ତ୍ତନ ସହିତ ସମ୍ପର୍କିତ । ଏହା ଛଡା ଶିକ୍ଷକ ନେତାଙ୍କର ଭୂମିକା ହେଉଛି କଳ୍ପିତ / ମନନ କରାଯାଇଥିବା ପରିବର୍ତ୍ତନକୁ ସୁଗମ କରିବା । ଶିକ୍ଷକ, ବିଦ୍ୟାଳୟ ପରିସରରେ ଅନ୍ୟ କର୍ମଚାରୀ ଏବଂ ଗୋଷ୍ଠୀ ସଦସ୍ୟ ଇତ୍ୟାଦି ସମସ୍ତଙ୍କର ମିଳିତ ଲକ୍ଷ୍ୟ ହେଉଛି ବିଦ୍ୟାଳୟ ଏବଂ ଏହାର ଚତୁଃପାର୍ଶ୍ୱରେ ଥିବା ଗୋଷ୍ଠୀର ଉନ୍ନତି ପାଇଁ ପରିବର୍ତ୍ତନ କରିବା ।

ଏହି ପରିବର୍ତ୍ତନକୁ ପ୍ରଣୋଦିତ କରିବାପାଇଁ କେଉଁ କାର୍ଯ୍ୟ କରାଯିବ ? (Leithword, etal) (1999) ନିମ୍ନଲିଖିତ କାର୍ଯ୍ୟଗୁଡିକ ନିର୍ଦ୍ଦିଷ୍ଟ କରିଛନ୍ତି ।

ଅନ୍ୟମାନଙ୍କୁ ଅନୁପ୍ରେରିତ କରିବାପାଇଁ ସାମର୍ଥ

ଅନ୍ୟମାନଙ୍କୁ ଅଭିପ୍ରେରଣ କରିବା ପାଇଁ ସାମର୍ଥ

ଅନ୍ୟମାନଙ୍କୁ ସେମାନଙ୍କର ନିଜ ସ୍ୱ- ଆଗ୍ରହକୁ ଛାଡି, କିଛି ନୂତନ / ଅତିରିକ୍ତ କାର୍ଯ୍ୟ କରିବା ପାଇଁ ସମର୍ଥ କରାଇବା ।

ଗୋଟିଏ ଉତ୍ତମ କିମ୍ବା ଆଦର୍ଶ ବିଦ୍ୟାଳୟର ଦୃଷ୍ଟି(Vision) କୁ ଆଦାନ ପ୍ରଦାନ କରିବା ପାଇଁ ଅନ୍ୟମାନଙ୍କୁ ସମର୍ଥ କରାଇବା ।

ଶିକ୍ଷକ ନେତାଙ୍କର ଉପରୋକ୍ତ ଉଲ୍ଲେଖିତ ସମସ୍ତ ଲକ୍ଷଣ ରହିବା ଉଚିତ୍ ଏବଂ ତାଙ୍କର ସହଯୋଗୀ

ଶିକ୍ଷକ, ସହକର୍ମୀ ଏବଂ ଗୋଷ୍ଠୀ ସଦସ୍ୟମାନଙ୍କୁ ବିଦ୍ୟାଳୟ ଏବଂ ଗୋଷ୍ଠୀର ରୂପାନ୍ତରତା କରିବା ପାଇଁ ସଫଳତାର ସହ ଅଂଶଗ୍ରହଣ କରିବାକୁ ପ୍ରବର୍ତ୍ତାଇ ପାରିବେ ।

### ୭.୫.୩. ନୈତିକ କାର୍ଯ୍ୟ

ମୂଲ୍ୟବୋଧକୁ ପ୍ରଚାର କରିବା ବ୍ୟବସ୍ଥା ସହିତ ଏହା ସମ୍ପର୍କିତ । ଶିକ୍ଷକ ନେତାଙ୍କର ବୃତ୍ତିଗତ ମୂଲ୍ୟବୋଧ ହେଉଛି ପ୍ରତ୍ୟେକ ଶିକ୍ଷାର୍ଥୀମାନଙ୍କୁ ସମାନ ଗୁରୁତ୍ୱଦେବା । ନିର୍ବିଶେଷରେ ସେମାନଙ୍କର ପୃଷ୍ଠଭୂମି କିମ୍ବା ଦକ୍ଷତାକୁ ଦୃଷ୍ଟି ନଦେଇ । ସମସ୍ତ ସହିତ ଉପଯୁକ୍ତ ମାର୍ଗରେ ଆଦାନ ପ୍ରଦାନ କରିବା । ଗୋଷ୍ଠୀ ସଦସ୍ୟମାନଙ୍କୁ ଅନ୍ତର୍ଭୁକ୍ତ କରି ବିଦ୍ୟାଳୟର ସମସ୍ତ କର୍ମଚାରୀ ଯେଉଁ ଫଳପ୍ରଦ ଆବଶ୍ୟକୀୟ ମୂଲ୍ୟବୋଧକୁ ବିଚାରକୁ ନେବେ, ଶିକ୍ଷକ ନେତା ସେହି ଆଦର୍ଶ ମୂଲ୍ୟବୋଧକୁ ପରିଚାଳନା କରିବା ବିଧେୟ । ଶିକ୍ଷକ ନେତା, ସମସ୍ତ କର୍ମଚାରୀଙ୍କୁ ତାଙ୍କ ବିଦ୍ୟାଳୟ ପରିସରରେ ହେଉଥିବା ବିଭିନ୍ନ ସ୍ତରର କାର୍ଯ୍ୟକୁ ଦାୟିତ୍ୱର ସହ ଏବଂ କଠିନ ପରଶ୍ରମର ସହ କରିବା ପାଇଁ କହିବେ । ଯେପରି ତାଙ୍କର ସେହି ଉଦ୍ୟମ ପାଇଁ ସେ ସମ୍ମାନିତ ହେବେ ଏବଂ ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇପାରିବେ । ସେ ଯାହା ସହିତ କଥୋପକଥନ କରୁଛନ୍ତି ସମସ୍ତଙ୍କୁ ଅନୁପ୍ରେରିତ କରିବା ଜରୁରୀ ଅଟେ । ସେମାନେ ତାଙ୍କର ପ୍ରଶାସନିକ ଅଧିକାରୀ, କିମ୍ବା, ଶିକ୍ଷକ ସହକର୍ମୀ, ସହାୟକ କର୍ମଚାରୀ, ଶିକ୍ଷାର୍ଥୀ, ଅଭିଭାବକ, ବିଦ୍ୟାଳୟ ପରିଚାଳକ, ଗୋଷ୍ଠୀ ସଦସ୍ୟ ଏବଂ କୌଣସି ଭ୍ରମଣକାରୀ ମଧ୍ୟ ହୋଇପାରନ୍ତି ।

### ୭.୫.୪. ଅଂଶଗ୍ରହଣ କାର୍ଯ୍ୟ

ସହଯୋଗମୂଳକ ଗୋଷ୍ଠୀ ପ୍ରତିଷ୍ଠା କରିବାର ଉଦ୍ୟମ ଦ୍ୱାରା ପ୍ରତ୍ୟେକ ଶିକ୍ଷକଙ୍କର ବୃତ୍ତିଗତ ବୃଦ୍ଧି ସମ୍ଭବପର ହୋଇପାରିବ । ଶିକ୍ଷକ ନେତାଙ୍କର ଅନ୍ୟ ଏକ ଗୁରୁ ଦାୟିତ୍ୱ / କର୍ତ୍ତବ୍ୟ ହେଉଛି ଗୋଷ୍ଠୀ ସଦସ୍ୟମାନଙ୍କର ସହଯୋଗ କ୍ରମେ ଶିକ୍ଷଣ ଗୋଷ୍ଠୀ (Tralearning Communities) ର ବିକାଶ କରିବ । ଶିକ୍ଷକ ନେତା ତାଙ୍କର ଶିକ୍ଷକମାନଙ୍କର କଳ୍ପନା / ଧାରଣାକୁ ଗୋଟିଏ ପରିବର୍ତ୍ତନ ପ୍ରତିନିଧି / ଅଭିକର୍ତ୍ତା ହିସାବରେ ପ୍ରଦର୍ଶନ କରାଇବା ସହିତ ଏହାର ଅଭ୍ୟାସ (practice) ମଧ୍ୟ କରିପାରିବେ । ଯେତେବେଳେ ଜଣେ ଶିକ୍ଷକ ନେତା କୌଣସି ଏକ ପ୍ରସ୍ତୁତିର ସ୍ତର ଦେଇ ଗତି କରୁଛନ୍ତି । ସେତେବେଳେ ସେ ତାଙ୍କର ଶିକ୍ଷକ ସହକର୍ମୀ, ଏବଂ ଗୋଷ୍ଠୀ ସଦସ୍ୟମାନଙ୍କ ଉପରେ ଦାୟିତ୍ୱ ବଣ୍ଟନ କରିବାର ଦକ୍ଷତାକୁ ବ୍ୟବହାର କରିବେ ଯାହାଫଳରେ ସେ ତାଙ୍କର କାର୍ଯ୍ୟର ଦାୟିତ୍ୱକୁ ସୁଚାରୁ ରୂପେ ତୁଲାଇ ପାରିବେ ।

### ୭.୫.୫. ସମ୍ଭାବ୍ୟ କାର୍ଯ୍ୟ

ସାମାଜିକ ଅର୍ଥନୈତିକ ପରିବର୍ତ୍ତନ ଏବଂ ଦିଆଯାଉଥିବା ନୀତି ନିୟମ ନିଷ୍ପତ୍ତି ଦ୍ୱାରା ବିଦ୍ୟାଳୟର ଭୂମିକା ଏବଂ କାର୍ଯ୍ୟଗୁଡିକୁ କ୍ରମାଗତ ଭାବରେ ପରିବର୍ତ୍ତନ ହୋଇଥାଏ । ଏହା ଶିକ୍ଷକଙ୍କୁ ବିରତି, ପ୍ରତିଫଳନ ଏବଂ କାର୍ଯ୍ୟ କରିବା ପାଇଁ କମ୍ ସମୟ ଦେଇଥାଏ । କେତେକ ଆବଶ୍ୟକୀୟ ବିରତି, ପ୍ରତିଫଳନ ଏବଂ କାର୍ଯ୍ୟ କରିବା ପାଇଁ

ଟିପ୍ପଣୀ

କମ୍ ସମୟ ଦେଇଥାଏ । କେତେକ ଆବଶ୍ୟକୀୟ ଜିନିଷ ଯଥା ଅନ୍ତର୍ନିବେଶୀ ଶ୍ରେଣୀକକ୍ଷ, ପିଲାମାନଙ୍କର ଶୈକ୍ଷିକ ମାନଦଣ୍ଡ ଏବଂ ସୂଚନାର ଗୁଣାତ୍ମକ ମାନବୃଦ୍ଧି, ବିଦ୍ୟାଳୟରେ ସୂଚନା ଏବଂ ସଂଚାର ଶିକ୍ଷାଦାନ, ପ୍ରଯୁକ୍ତିର ବ୍ୟବହାର, ଶିକ୍ଷାଦାନ କାର୍ଯ୍ୟଭାରକୁ ପରିଚାଳନା, ବିଦ୍ୟାଳୟ ଯୋଜନାରେ ସଂଘର୍ଷପୂର୍ଣ୍ଣ ପ୍ରସ୍ତାବ, ଅଭିଭାବକ ଏବଂ ଗୋଷ୍ଠୀ ସଦସ୍ୟମାନଙ୍କ ସହ ଅର୍ଥପୂର୍ଣ୍ଣ ସାମାଜିକ ସମ୍ପର୍କ ଇତ୍ୟାଦିକୁ ପ୍ରସ୍ତୁତ କରିବାପାଇଁ ଏବଂ ଧାରଣା ଓ ସମାଧାନକୁ ଖୋଜି ବାହାର କରିବା ଶିକ୍ଷକ ନେତାଙ୍କ ଉପରେ ନିର୍ଭର କରିଥାଏ । ଏହି କାର୍ଯ୍ୟଗୁଡ଼ିକ ସହିତ ଗୋଟିଏ ଶିକ୍ଷକ ନେତାଙ୍କ ଉପରେ ନିର୍ଭର କରିଥାଏ । ଏହି କାର୍ଯ୍ୟଗୁଡ଼ିକ ସହିତ ଗୋଟିଏ ଶିକ୍ଷକ ନେତାଙ୍କର ଆଶା ଏବଂ ଆହ୍ୱାନକୁ ପ୍ରାଧାନ୍ୟ ଦେବା ପାଇଁ ଶିକ୍ଷକଙ୍କର ଆବଶ୍ୟକତା ଥାଏ ।

## ୭.୬.ସାରାଂଶ

ଆମେ ଏହି ଏକକରେ ନେତୃତ୍ୱର ଧାରଣା, ପରିଚାଳନା, ନେତୃତ୍ୱର ଶୈଳୀ ଏବଂ ନେତୃତ୍ୱର କାର୍ଯ୍ୟ ଇତ୍ୟାଦି ବିଷୟରେ ଆଲୋଚନା କଲେ । ଏହା ତୁମକୁ ବିଭିନ୍ନ ଦୃଷ୍ଟିକୋଣରେ ନେତୃତ୍ୱ ଏବଂ ପରିଚାଳନା ମଧ୍ୟରେ ଥିବା ପାର୍ଥକ୍ୟକୁ ଦର୍ଶାଇବା ପାଇଁ ସାହାଯ୍ୟ କରିବ । ଏହି ଏକକରୁ ତୁମେ ବିଭିନ୍ନ ପ୍ରକାରର ନେତୃତ୍ୱ ସମ୍ପର୍କରେ ଧାରଣା ପାଇଥିବ ଯାହାକି ଜଣେ ନେତା ହିସାବରେ ତୁମକୁ ବିଦ୍ୟାଳୟ ବ୍ୟବସ୍ଥାକୁ ପରିଚାଳନା କରିବାରେ ସାହାଯ୍ୟ କରିବ । ବିଭିନ୍ନ ପ୍ରକାରର ନେତୃତ୍ୱର କାର୍ଯ୍ୟଗୁଡ଼ିକ ତୁମକୁ ବିଦ୍ୟାଳୟ ବ୍ୟବସ୍ଥାରେ ଗୋଟିଏ ଉତ୍ତମ ନେତାଭାବେ ପରିଗଣିତ ହେବା ସହିତ ନେତୃତ୍ୱ ବ୍ୟବହାର (leadership behaviour) କୁ ହୃଦୟଙ୍ଗମ କରିବା ସୁଯୋଗ ମଧ୍ୟ ସୃଷ୍ଟି କରିଥାଏ ।

-ନେତୃତ୍ୱ ଗୋଟିଏ ନେତା ହେବା ପାଇଁ ବ୍ୟକ୍ତିର ଦକ୍ଷତା ଉପରେ ଅଧିକ ଗୁରୁତ୍ୱ ଦେଇଥାଏ । ନେତୃତ୍ୱ ସଂଜ୍ଞାକୃତ କରିଛି ଯେ ଏହା ହେଉଛି ଏକ ଗତିଶୀଳ ସମ୍ପର୍କ । ପାରସ୍ପରିକ ପ୍ରଭାବ, ନେତା ଏବଂ ସହଯୋଗୀ ମଧ୍ୟରେ ଥିବା ସାଧାରଣ ଉଦ୍ଦେଶ୍ୟ ଯାହାକି । ଉଭୟଙ୍କୁ ନୈତିକ ବିକାଶ ଏବଂ ଅଭିପ୍ରେରଣ ଉଚ୍ଚତମ ସ୍ତର ଅଭିମୁଖେ ସ୍ୱାଭାବିକ ଏବଂ ଇଚ୍ଛାକୃତ ପରିବର୍ତ୍ତନକୁ ପ୍ରଭାବିତ କରିଥାଏ । ଶିକ୍ଷକ ନେତାଙ୍କର କାର୍ଯ୍ୟ ଏବଂ ବ୍ୟବହାର ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଯାହାକି ବିଦ୍ୟାଳୟଗୋଷ୍ଠୀ ସମ୍ପର୍କକୁ ପ୍ରଭାବିତ କରିଥାଏ ।

- ପରିଚାଳନା; ଯୋଜନାର କାର୍ଯ୍ୟ, ସଂଗଠନ କରିବା, ନିର୍ଦ୍ଦେଶନା ଦେବା ଏବଂ ନିୟନ୍ତ୍ରଣ କରିବା ଦ୍ୱାରା ଅନୁଷ୍ଠାନର ବସ୍ତୁ / ଜିନିଷଗୁଡ଼ିକୁ ହାସଲ କରିବା ଏବଂ ବ୍ୟବସ୍ଥାର ପ୍ରକ୍ରିୟାକୁ ନିର୍ମାଣ କରିଥାଏ । କିନ୍ତୁ ଅନ୍ୟ ପକ୍ଷରେ କହିବାକୁ ଗଲେ ନେତୃତ୍ୱ ; ଶୈକ୍ଷିକ ଅନୁଷ୍ଠାନର ବିଭିନ୍ନ କାର୍ଯ୍ୟର ବ୍ୟକ୍ତି - ବ୍ୟକ୍ତି ମଧ୍ୟସ୍ଥ ଦୃଷ୍ଟିକୋଣ ସହିତ ଅଧିକ ସଂପୃକ୍ତ ହୋଇଥାଏ । ଜଣେ ପରିଚାଳକ ଅନୁସାରେ ସେ ଯୋଜନା, ସଂଗଠନ ଏବଂ ନିୟନ୍ତ୍ରଣ କରିବା କାର୍ଯ୍ୟ ସହିତ ଜଡ଼ିତ ହୁଏ ଏବଂ ଜଣେ ନେତା ଅନୁପ୍ରେରିତ କରିବା, ଅଭିପ୍ରେରିତ କରିବା, ପ୍ରଭାବିତ କରିବା ଏବଂ ଆବଶ୍ୟକୀୟ ପରିବର୍ତ୍ତନ ଆସିବା ସହିତ ଜଡ଼ିତ ଥାଏ ।

ନେତୃତ୍ୱ ଶୈଳୀ : ଲୋକମାନଙ୍କୁ ଅଭିପ୍ରେରିତ କରିବା, ଯୋଜନାର ପରିପାଳନ କରିବା ଏବଂ ନିର୍ଦ୍ଦେଶନା ଦେବାର ପ୍ରଣାଳୀ ଓ ପଦ୍ଧତି ସହିତ ସଂଯୋଗ ହୋଇଥାଏ । ନେତୃତ୍ୱ ଶୈଳୀ ହେଉଛି ୪ ପ୍ରକାରର ଯଥା : ଏକଛତ୍ରବାଦୀ ନେତୃତ୍ୱ, ଅବାଧନୀତି ନେତୃତ୍ୱ, ସହଜସାଧ ନେତୃତ୍ୱ ଏବଂ ଗଣତାନ୍ତ୍ରିକ ନେତୃତ୍ୱ ।

-ନେତୃତ୍ୱର କାର୍ଯ୍ୟ ଗୋଟିଏ ଶିକ୍ଷକ ନେତାଙ୍କୁ ବିଦ୍ୟାଳୟ ବ୍ୟବସ୍ଥାର ବିଭିନ୍ନ ଦୃଷ୍ଟିକୋଣ ଶିକ୍ଷଣର ଅତି ଜଟିଳ ପ୍ରକ୍ରିୟା, ପ୍ରତିଫଳନ ଯେଉଁଟା ବିଦ୍ୟାଳୟ - ଗୋଷ୍ଠୀ ମଧ୍ୟରେ ସାମାଜିକୀକରଣର ଆବଶ୍ୟକ କରିଥାଏ ଏବଂ ଗୋଟିଏ ନୂତନ ଭୂମିକାରେ କାର୍ଯ୍ୟ କରିବା, କଳ୍ପନା କରିବା ପାଇଁ ପ୍ରସ୍ତୁତ କରିଥାଏ ।

ଟିପ୍ପଣୀ

## ୭.୭. ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ :


- Bennis, W.G. ( 1975) : Where have all the leaders gone? Washington, DC : Federal Executive Institute.
- Buuns, J.M. (1978): Leadership: New York : Harper & Row.
- Cenkner, W. (1977) reported in the leadership of Hindu gurus: Its mean ing and Implications for Practice - www. ila.- net.org.
- IGNOU (2003) MES - 103, Block - 2 (InStitutional Life and culture: Looking at Organisational Structures, Issues and Perspectives) : New Delhi.
- Keith Alan (2009): Genetech, A member of Roche group - www. wikepedia. org.
- Kotter, J.P. (1992): Corporate Culture and Performance, Free Press.
- Lefton, R.E. j Buzzotta, V.R. (2004): Leadership through People Skills, New Delhi: Tata McGraw - Hill
- Leithwood, k.; Jantzi, D.; Steinbach, R. (1999): Changing Leadership for changing Times, Buckinghan : Opne University Press.
- Ogbonia, K. (2011) : Leadship Theories and styles - www. wikepedia.org.
- Rost, J, (1999): Leadership for the twenty - first century, New York : Praeger.


## ୭.୮. ପାଠାନ୍ତ ପ୍ରଶ୍ନାବଳୀ

୧. ନେତୃତ୍ୱର ଦୁଇଟି ସଂଜ୍ଞା ବ୍ୟାଖ୍ୟାକର ।

୨. ବିଦ୍ୟାଳୟ ବ୍ୟବସ୍ଥାରେ ଦୃଢ ନେତୃତ୍ୱ ଓ ଦୁର୍ବଳ ପରିଚାଳନା: ଯୁକ୍ତିଯୁକ୍ତତା ପ୍ରତିପାଦନ କର ।

୩. ନେତୃତ୍ୱ ଶୈଳୀର ଅର୍ଥ ପ୍ରଦାନ କର ।

୪. ନେତୃତ୍ୱ କାର୍ଯ୍ୟଗୁଡିକ ଲେଖ ।

୫. ବିଦ୍ୟାଳୟ ବ୍ୟବସ୍ଥାରେ ଜଣେ ଶିକ୍ଷକଙ୍କର ନୈତିକ କାର୍ଯ୍ୟର ଉନ୍ନତି ତଥା ବିକାଶ ନିମନ୍ତେ ତୁମର ମତ କ'ଣ ହେବ ଲେଖ ।